ପରିପୂର୍ଣ୍ଣ ବିଶ୍ୱଜନୀନ ଦୃଷ୍ଟି ଓ ବିଶ୍ୱଜନୀନ ଭାବ ହେଲା ସବୁକିଛି ଭ୍ରାନ୍ତି ଓ ଦୁଃଖ ବେଦନାରୁ ଆରୋଗ୍ୟର ମାର୍ଗ। କିନ୍ତୁ ଅଧିକାଂଶ ମଣିଷ କେବଳ ସେମାନଙ୍କର ଅହଂକାରକୁ ପ୍ରସାରିତ କରି ଚାଲିଥାନ୍ତି। –ଶ୍ରୀଅରବିନ୍ଦ



# ଦୁର୍ବଳଙ୍କୁ ଅଣଦେଖା



ଆକାର ପଟେଲ

ଆସନ୍ତୁ, ମେରିଟ୍ ବା ଯୋଗ୍ୟତା ବିଷୟରେ ଆଲୋଚନା କରିବା। ସେଥିପାଇଁ ମଧ୍ୟବିତ୍ତବର୍ଗଙ୍କ କଥା ବିଚାରକୁ ନେବା। ଭାରତରେ ଯାହାଙ୍କୁ ମଧ୍ୟବିତ୍ତବର୍ଗ କୁହାଯାଉଛି ସେମାନଙ୍କ ସଂଖ୍ୟା ବହୁତ କମ୍। ପରିସଂଖ୍ୟାନ ବିଶେଷଜ୍ଞମାନେ ବେଳେବେଳେ ଏହି ସଂଖ୍ୟାରେ ୨ ପ୍ରତିଶତ କମ୍ ବେଶିର ତ୍ରୁଟିଥିବା ଦର୍ଶାଇଥାନ୍ତି। ତେବେ ମଧ୍ୟବିତ୍ତବର୍ଗ ହେଉଛି ଜନସଂଖ୍ୟାର ସବୁଠାରୁ ପ୍ରାଧାନ୍ୟ ବିସ୍ତାରକାରୀ ବର୍ଗ। ଏହି ହେଉଛି ସେହି ବର୍ଗ ଯିଏ କି ମିଡିଆକୁ ନିୟନ୍ତ୍ରଣକରେ। ଗଣମାଧ୍ୟମର ବିଷୟବସ୍ତୁ ୩ ପ୍ରତିଶତଙ୍କ ଉପରେ ଗୁରୁତ୍ୱ ଦିଏ, ଅନ୍ୟମାନଙ୍କୁ ନୁହେଁ। ଭାରତରେ ଦଳିତ (୨୩ କୋଟି), ଆଦିବାସୀ (୧୧ କୋଟି) ଏବଂ ମୁସଲମାନ (୨୦ କୋଟି) ପ୍ରାୟ ଜନସଂଖ୍ୟାର ୪୦ ପ୍ରତିଶତ। ଆମ ଅର୍ଥ ବ୍ୟବସ୍ଥା, ଆମର ରାଜନୈତିକ କ୍ଷମତା ଢାଞ୍ଚା ଏବଂ ଆମ ଗଣମାଧ୍ୟମରେ ସେମାନଙ୍କର ପ୍ରତିନିଧିତ୍ୱ କେତେ? ଅକ୍ଟୋବର ୨୦୧୮ରୁ ମାର୍ଚ୍ଚ ୨୦୧୯ ମଧ୍ୟରେ ଭାରତରେ ହୋଇଥିବା ଏକ ଅକ୍ସଫାମ୍ ଅଧ୍ୟୟନରୁ ଜଣାପଡ଼ିଛି ଯେ, ୧୨୧ଟି ନ୍ୟୁଜ୍ ରୁମ୍ ନେତୃତ୍ୱ ପଦବୀରେ ୧୦୬ ଜଣ ଉଚ୍ଚ ବର୍ଗର ଲୋକ ଥିଲେ। ଡିବେଟ୍‌ରେ ପ୍ରତି ୪ ଜଣ ଆଙ୍କରଙ୍କ ମଧ୍ୟରୁ ୩ ଜଣ (ହିନ୍ଦୀ ଚ୍ୟାନେଲରେ ସମୁଦାୟ ୪୦ ଜଣ ଆଙ୍କର ଏବଂ ଇଂଲିଶ ଚ୍ୟାନେଲରେ ୪୦ଜଣ) ହେଉଛନ୍ତି ଉଚ୍ଚ ଜାତିର। ଏମାନଙ୍କ ମଧ୍ୟରେ ଜଣେ ହେଲେ ଦଳିତ କିମ୍ବା ଆଦିବାସୀ ନ ଥିଲେ। ନ୍ୟୁଜ୍ ଚ୍ୟାନେଲଗୁଡ଼ିକ ସେମାନଙ୍କ ୭୦ ପ୍ରତିଶତରୁ ଅଧିକ ପ୍ରାଇମ୍‌ଟାଇମ ଡିବେଟ୍ ଶୋ'କୁ ଅଧିକାଂଶ ଉଚ୍ଚଜାତିର ଲୋକଙ୍କୁ ଡାକିଥିଲେ। ଏହା ବ୍ୟତୀତ ଇଂଲିଶ୍ ଖବରକାଗଜରେ ୫%ରୁ ଅଧିକ ପ୍ରବନ୍ଧ ଦଳିତ ଏବଂ ଆଦିବାସୀଙ୍କ ଦ୍ୱାରା ଲେଖାଯାଉନାହିଁ। ହେଲେ ଧାରଣା ରହିଛି ଯେ, ଉଚ୍ଚବର୍ଗର ନ୍ୟାୟୋଚିତ ସ୍ଥାନକୁ ଦଳିତ ଏବଂ ଆଦିବାସୀମାନେ ଦଖଲ କରୁଛନ୍ତି ଏବଂ ସଂରକ୍ଷଣ ବ୍ୟବସ୍ଥା 'ମେରିଟ୍'କୁ ବ୍ୟର୍ଥ କରୁଛି। ସର୍ବଭାରତୀୟ ସ୍ତରରେ ସବୁ ଆଭିଜାତ୍ୟ ବର୍ଗ ଏଭଳି ମାନସିକତାକୁ ଗ୍ରହଣ କରନ୍ତି। ହେଲେ ପ୍ରକାଶିତ ଏକ ରିପୋର୍ଟର ଶୀର୍ଷକ '୬୦ ପ୍ରତିଶତରୁ ଅଧିକ ଓବିସି, ଏସ୍‌ସି ପଦବୀ ଆଇଆଇଏମ୍‌ଗୁଡ଼ିକରେ ଖାଲି ରହିଛି' ଏଭଳି ବିଶ୍ୱାସକୁ ତ୍ରୁଟିପୂର୍ଣ୍ଣ ଦର୍ଶାଏ। ଅନୁଧ୍ୟାନରୁ ଜଣାପଡ଼ିଥିଲା ଯେ, ବିଶ୍ୱବିଦ୍ୟାଳୟରେ ଆଦିବାସୀଙ୍କ ପାଇଁ ସଂରକ୍ଷିତ ପ୍ରଫେସରଙ୍କ ୯୦%ରୁ ଅଧିକ ପଦବୀ ପୂରଣ ହୋଇ ନ ଥିଲା। ୪୨ଟି ବିଶ୍ୱବିଦ୍ୟାଳୟରେ ୬,୦୦୦ରୁ ଅଧିକ ପଦବୀ ମଧ୍ୟରୁ ୭୫ ପ୍ରତିଶତ ସଂରକ୍ଷିତ ବର୍ଗ ପାଇଁ ରହିଥିଲା। ଏପରିକି ଆମ ଶିକ୍ଷାନୁଷ୍ଠାନଗୁଡ଼ିକ ଯେଉଁଠାରେ ସଂରକ୍ଷଣ ଆଇନଗତ ଭାବରେ ବାଧ୍ୟତାମୂଳକ କରାଯାଇଥିଲା, ସେଠାରେ ସେସବୁ ଦଳିତ ଏବଂ ଆଦିବାସୀ ଅଧ୍ୟାପିକା/ଅଧ୍ୟାପକଙ୍କ ପାଇଁ ପାଇବା କଠିନ ଥିଲା। ଥରେ ଏହି ପ୍ରସଙ୍ଗରେ ମୁଁ ବେଙ୍ଗାଲୁରୁର ଏକ ପ୍ରତିଷ୍ଠିତ ବିଦ୍ୟାଳୟରେ ମୋ ବକ୍ତବ୍ୟରେ ଉପସ୍ଥାପନ କରିଥିଲି। ଆମେ ହେଉଛୁ ବିଶେଷାଧିକାର ପ୍ରାପ୍ତ ଓ ତାହାକୁ ସ୍ୱୀକାର କରି ସେହି ଦିଗରେ କାମ କରିବା ଆମ ଦାୟିତ୍ୱ। ଯଦି ଆମେ ଭଲ ଭାରତୀୟ ଏବଂ ଭଲ ଦେଶପ୍ରେମୀ ହେବାକୁ ଚାହୁଁ, ତେବେ ଏହାର ବିକାଶରେ ଅଂଶଗ୍ରହଣ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ହୋଇପାରିବ। ଆମେ ଆମର ବିଶେଷ ଅଧିକାରକୁ ଅଲଗାକରି ରଖି ଏହାକୁ ପାଉ ନ ଥିବା ଲୋକଙ୍କୁ ଦେଇପାରିବା। ଆମ ସମ୍ବିଧାନ ଆମକୁ କହିଛି, ଭାରତ ହେଉଛି ସମାନତା, ସ୍ୱାଧୀନତା ଏବଂ ଭାଇଚାରାର ଏକ ସମାଜ। କିନ୍ତୁ ଏହି ମୂଲ୍ୟବୋଧଗୁଡ଼ିକୁ ବଜାୟ ରଖିବା ଆମ ନାଗରିକଙ୍କ ଦାୟିତ୍ୱ। ଯେଉଁମାନେ ଆମଠାରୁ କମ୍ ସୁଯୋଗ ପାଉଛନ୍ତି ସେମାନଙ୍କୁ ଆମେ ପାଉଥିବା ସୁବିଧାରୁ କିଛି ଏବଂ ସ୍ୱେଚ୍ଛାକୃତ ଭାବରେ ସଂରକ୍ଷଣ ଦେଇପାରିବା। ହେଲେ ଏଭଳି ବକ୍ତବ୍ୟ ସେହି ବିଦ୍ୟାଳୟରେ ଗ୍ରହଣୀୟ ହୋଇ ନ ଥିଲା। ଛାତ୍ରମାନେ ଏହି ଧାରଣାକୁ ଘୃଣା କରୁଥିଲେ। ସେମାନେ ଅନୁଭବ କରୁଥିଲେ ଯେ, ଯୋଗ୍ୟତା ବା ମେରିଟ୍ ମାଧ୍ୟମରେ ବିଦ୍ୟାଳୟରେ ସ୍ଥାନ ହାସଲ କରିଛନ୍ତି। ଅନ୍ୟମାନଙ୍କ ପାଇଁ ସ୍ଥାନ ନ ଥିଲେ ବି ସେଥିରେ ସେମାନେ ଚିନ୍ତିତ ନ ଥିଲେ। ଏପରିକି ସଂରକ୍ଷଣ ଧାରଣାକୁ ନେଇ ମାତାପିତା କ୍ରୋଧିତ ହୋଇଥିଲେ। ଅବଶ୍ୟ ଏଥିରେ ମୁଁ ନିରାଶ ହୋଇଥିଲି, କିନ୍ତୁ ଆଶ୍ଚର୍ଯ୍ୟ ହୋଇ ନ ଥିଲି। ଏହା ହେଉଛି ଆମ ସମାଜର ଚିନ୍ତାଧାରା। ଏଭଳି ଏକ ସମାଜ ସୃଷ୍ଟି କରିଥିବା ବିଦ୍ୟାଳୟଟି ସମାଜଠାରୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି ଆଶା କରିବା ବୃଥା। ଦର୍ଶକମାନେ ଏବଂ ଏଥିରେ ଥିବା ପିଲାମାନେ ଯଦି ଭାରତର ବାସ୍ତବତା ଏବଂ ତଥ୍ୟକୁ ଭଲ ଭାବରେ ଜାଣିଥାଆନ୍ତେ, ତେବେ ସେମାନେ ଏଭଳି ଦୃଷ୍ଟିକୋଣ ଜାରି ରଖି ନ ଥାଆନ୍ତେ।

ଆମେ ସମସ୍ତେ ମଣିଷ ଏବଂ ମାନବିକତାର ମୂଳରେ ଅଛି ଭ୍ରାତୃତ୍ୱ। ଯଦି ସେମାନେ ବାସ୍ତବତା ଉପଲବ୍ଧି କରିଥାଆନ୍ତେ, ତେବେ ଅନ୍ୟ ଭାରତୀୟଙ୍କ ଉପରେ ସେମାନଙ୍କର ମତ ଭିନ୍ନ ରହିଥାନ୍ତା ଓ ସହାନୁଭୂତି ସୃଷ୍ଟି ହୋଇଥାଆନ୍ତା। କିନ୍ତୁ ଏକ ସଂକ୍ଷିପ୍ତ ସମୟର କଥା ଏକ ପୁସ୍ତକ ନୁହେଁ। ୩୦ ମିନିଟ୍‌ର ବକ୍ତବ୍ୟରେ ଏକ ଗମ୍ଭୀର ବିଷୟରେ ସମ୍ପୂର୍ଣ୍ଣ ଜଣାଇବା ସମ୍ଭବ ନ ଥିଲା। ମୋ ହସ୍ତକ୍ଷେପର କୌଣସି ଅର୍ଥ ନ ଥିଲା। ପିଲା ଏବଂ ସେମାନଙ୍କ ମାତାପିତାଙ୍କଠାରୁ ବିଦାୟ ନେଲି। ସେମାନେ ଯାହା ଜାଣିଥିଲେ ତା'ଠାରୁ ଅଧିକ କିଛି ସେମାନଙ୍କୁ ଜ୍ଞାତ ନ ଥିଲା। କାରଣ ହେଉଛି ଭାରତ ଏକ ବୃହତ୍ ଶକ୍ତିରେ ପରିଣତ ହେବ ବୋଲି ଆକଳନ କରୁଥିବାବେଳେ ଆମେ ଦରିଦ୍ର, ବଞ୍ଚିତ ଏବଂ ଦୁର୍ବଳ ଶ୍ରେଣୀଙ୍କୁ ଅଣଦେଖା କରିଚାଲିଛୁ। ବାସ୍ତବତା ହେଉଛି, ବର୍ତ୍ତମାନ ଦେଶର ମୋଟ ଜନସଂଖ୍ୟାର ଅଧିକାଂଶ ଦାରିଦ୍ର୍ୟ କିମ୍ବା ଅଭାବରେ ମରିବେ। ଏହା ନିଶ୍ଚିତ ଯେ, ଭାରତରେ ପରିବର୍ତ୍ତନ ଆସିବ, ଯାହା ସବୁ ସମାଜକୁ ଠିକ୍ ସମୟରେ ଆସେ। କିନ୍ତୁ ଆମେ ଚାହିଁଲେ ଏହାକୁ ଶୀଘ୍ର ଆଣିପାରିବା। କଥା ହେଉଛି ଯେଉଁ ଦେଶରେ ପ୍ରତିରକ୍ଷା ଖର୍ଚ୍ଚ ସ୍ୱାସ୍ଥ୍ୟର ୪ ଗୁଣ ଅଧିକ, ଯାହାର ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଖର୍ଚ୍ଚ ଶିକ୍ଷାର ୫ ଗୁଣ, ସେହି ଦେଶରେ ଅନେକ କୋଟି ଲୋକ ଯନ୍ତ୍ରଣା ଭୋଗିଚାଲିବେ। ଗରିବର ଅଧିକାରକୁ ଦଖଲକରି ବୁଲେଟ ଟ୍ରେନ୍ ଚଳାଇବା ଭଳି କାର୍ଯ୍ୟକୁ ପ୍ରାଥମିକତା ଦେବାର ଅର୍ଥ ଭାରତରେ କୌଣସି ବ୍ୟବସ୍ଥିତ ସମାଜ ନାହିଁ ବୋଲି ବୁଝିବାକୁ ହେବ। ତେଣୁ ଏହାକୁ ପରିବର୍ତ୍ତନ କରିବା ପାଇଁ ଚେଷ୍ଟା କରିବା ଆମର ଦାୟିତ୍ୱ।

Email:aakar.patel@gmail.com

# ସମସ୍ତଙ୍କ ପାଇଁ ସମାନ ଶିକ୍ଷା



ରାଜୀବ କୁମାର ନାୟକ

ଭାରତରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାର ତର୍ଜମା କଲେ ପ୍ରଥମତଃ ଆମେ ଦେଖିବା ଯେ ଶିକ୍ଷା ଏକ ଯୁଗ୍ମ ତାଲିକାର ବିଷୟ। ତେଣୁ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଶିକ୍ଷା ସମ୍ବନ୍ଧରେ ନୀତି ନିର୍ଦ୍ଧାରଣ କରିବାର କ୍ଷମତା ରହିଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଏବଂ ରାଜ୍ୟ ସରକାର ଭିନ୍ନ ଭିନ୍ନ ସମୟରେ ଶିକ୍ଷାକୁ ନେଇ ବିଭିନ୍ନ ପ୍ରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ଯେମିତି–କେନ୍ଦ୍ର ସରକାର କେନ୍ଦ୍ରୀୟ ବିଦ୍ୟାଳୟ, ଜବାହର ନବୋଦୟ ବିଦ୍ୟାଳୟ,ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରିଥିବାବେଳେ ଓଡ଼ିଶା ସରକାର ସିବିଏସ୍‌ଇ ଢାଞ୍ଚାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଅନୁସୂଚିତ ଜାତି ତଥା ଜନଜାତିର ପିଲାଙ୍କ ସକାଶେ ଅନୁସୂଚିତ ଜନଜାତି କଲ୍ୟାଣ ଆବାସିକ ବିଦ୍ୟାଳୟ ସ୍ଥାପନ କରିଛନ୍ତି। ସରକାର ଆଉ ମଧ୍ୟ କିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାଧ୍ୟମରେ ଅନୁସୂଚିତ ଜାତି/ଜନଜାତି ଆବାସିକ ବିଦ୍ୟାଳୟ ଖୋଲିବାକୁ ସହାୟତା ପ୍ରଦାନ କରୁଛନ୍ତି। ନିଜସ୍ୱ ଉଦ୍ୟମରେ ଚାଲୁଛି ବିଭିନ୍ନ ପ୍ରକାର ବେସରକାରୀ ବିଦ୍ୟାଳୟ। ଏବେ ଓଡ଼ିଶା ସରକାର ପୁଣି ପ୍ରତି ଗ୍ରାମ ପଞ୍ଚାୟତରେ ଗୋଟିଏ କରି ଆଦର୍ଶ ପ୍ରାଥମିକ ବିଦ୍ୟାଳୟ କରିବାକୁ ଘୋଷଣା କରିଛନ୍ତି। ଏସବୁ ମଧ୍ୟରେ କିଏ ହିନ୍ଦୀ ବା ଇଂରାଜୀ ମାଧ୍ୟମ ହୋଇଥିବାବେଳେ ଆଉ କିଏ ଓଡ଼ିଆ ବା ଅନ୍ୟ ଆଞ୍ଚଳିକ ଭାଷା ମାଧ୍ୟମରେ ଶିକ୍ଷାଦାନ କରୁଥିବା ଜଣାଯାଏ। ଠିକ୍ ସେହିପରି କିଏ ସିବିଏସ୍‌ଇ ବୋର୍ଡ ଅଧୀନରେ ଥିବାବେଳେ କିଏ ଆଇସିଏସ୍‌ଇ ବା ଅନ୍ୟ ରାଜ୍ୟରେ ଥିବା ବୋର୍ଡର ସିଲାବସ୍ ଆଧାରରେ ଶିକ୍ଷାଦାନ କରୁଛନ୍ତି। ଏଠି ସବୁ ବୋର୍ଡର ସିଲାବସ୍ ଅଲଗା ଅଲଗା। ଠିକ୍ ସେହିପରି ଅନେକ ବେସରକାରୀ ବିଦ୍ୟାଳୟର ପ୍ରାଥମିକ ସ୍ତରରେ ପ୍ରଚଳିତ ସିଲାବସ୍ ଅଲଗା ଅଲଗା। ଗୋଟିଏ ରାଜ୍ୟ ବା ରାଷ୍ଟ୍ରରେ ଯଦି ଭିନ୍ନ ଭିନ୍ନ ବୋର୍ଡରୁ ଶିକ୍ଷା ସମ୍ପୂର୍ଣ୍ଣ କରି ପିଲା ଆସିବେ ଏବଂ ସମାନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ତା'ହେଲେ ସେମାନଙ୍କ ମଧ୍ୟରେ କୃତକାର୍ଯ୍ୟ ହେବାର ହାର ଅଲଗା ହେବା ସ୍ୱାଭାବିକ। ଅନ୍ୟ ଦିଗରେ ନବୋଦୟ ବିଦ୍ୟାଳୟ ଭଳି ଆବାସିକ ବିଦ୍ୟାଳୟରେ ଧନୀ ନିର୍ଦ୍ଧନ ସମସ୍ତ ବର୍ଗର ପିଲାଙ୍କୁ ରଖାଯାଇ ସମସ୍ତ ସୁବିଧା ଯୋଗାଇ ଦେଲେ ସେମାନେ ନିଶ୍ଚିତ ଅନ୍ୟ ପିଲାଙ୍କଠାରୁ ଭଲ କରିବେ। ପରିଚାଳନା କଥା ଦେଖିଲେ ମଧ୍ୟ କିଛି ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଅଧୀନରେ ଥିବାବେଳେ କିଛି ବିଦ୍ୟାଳୟ ଅନୁସୂଚିତ ଜାତି ତଥା ଜନଜାତି ବିକାଶ ବିଭାଗ ଅଧୀନରେ ଅଛି, ଆଉ କିଛି ବିଦ୍ୟାଳୟ ସିଧାସଳଖ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗ ତଥା ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ ଦ୍ୱାରା ପରିଚାଳିତ।

ମାଗଣା ତଥା ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ୨୦୦୯ର ପ୍ରାବଧାନତା ଅନୁଯାୟୀ ବେସରକାରୀ ବିଦ୍ୟାଳୟର ୨୫ ଶତକଡ଼ା ସ୍ଥାନ ଦାରିଦ୍ର୍ୟରେ ଶଢ଼ୁଥିବା ପରିବାରର ସନ୍ତାନସନ୍ତତିଙ୍କ ସକାଶେ ସଂରକ୍ଷିତ କରି ସରକାର ସେ ବାବଦକୁ ଆର୍ଥିକ ସହାୟତା ଯୋଗାଇଦେବାର କ'ଣ ଆବଶ୍ୟକତା ଅଛି? ଆବାସିକ ବିଦ୍ୟାଳୟ ଖୋଲି ଅନେକ ହଜାର ପିଲା ଗୋଟିଏ ବିଦ୍ୟାଳୟରେ ପଢାଇବାର କ'ଣ ଆବଶ୍ୟକତା ରହିଛି? ପରିବାରରେ ରହିବା ଶିଶୁର ଅଧିକାର, ତା' ଛଡା ସରକାର ଗୋଟିଏ ପଟେ ୧କି.ମି. ଭିତରେ ପ୍ରାଥମିକ ବିଦ୍ୟାଳୟ, ୩ କି.ମି. ଭିତରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଉଚ୍ଚ ବିଦ୍ୟାଳୟ କଥା କହିବା ଦ୍ୱାରା ଛାତ୍ରାବାସରେ ନ ରଖି ପରିବାରକୁ ଆବଶ୍ୟକ ସହାୟତା ଯୋଗାଇ ଦେବା ଉଚିତ।



ଶିକ୍ଷାର ଢାଞ୍ଚାକୁ ଦେଖିଲେ କିଛି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ, ପୁଣି କେତେକରେ ପ୍ରଥମରୁ ଅଷ୍ଟମ ତ ଆଉ କିଛିରେ ପ୍ରଥମରୁ ଦଶମ ଶିକ୍ଷାଦାନ ହେଉଥିବାବେଳେ ଆଉ କିଛିରେ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ମଧ୍ୟ ରହିଛି। ଏହା ବ୍ୟତୀତ ସରକାର ପିଲାସଂଖ୍ୟା ଦେଖି ଯେଉଁ ଶିକ୍ଷକ ନିଯୁକ୍ତ କରୁଛନ୍ତି ତାହା ମଧ୍ୟ ତ୍ରୁଟିପୂର୍ଣ୍ଣ। କାରଣ ଅଷ୍ଟମ ଶ୍ରେଣୀର ପିଲାଙ୍କୁ ବିଷୟ ଶିକ୍ଷକର ଆବଶ୍ୟକତା ଥିବାବେଳେ ସେଠାରେ ବିଷୟ ଶିକ୍ଷକ ନିଯୁକ୍ତ କରାଯାଉନାହିଁ। ଠିକ୍ ସେହିପରି ଶିକ୍ଷାକୁ ନେଇ ବାରମ୍ବାର ପରୀକ୍ଷାନିରୀକ୍ଷା–ଯେମିତି ଆଗରୁ ଉଚ୍ଚ ବିଦ୍ୟାଳୟରେ ଅଷ୍ଟମରୁ ଏକାଦଶ ଶ୍ରେଣୀ ଯାଏ ଥିବାବେଳେ ମଝିରେ ଏକାଦଶ ଶ୍ରେଣୀକୁ ବାଦ୍‌ଦେଇ ଯୁକ୍ତ୨ରେ ସାମିଲ କରାଗଲା ପୁଣି ଏବେ ଅଷ୍ଟମକୁ ଉଚ୍ଚ ବିଦ୍ୟାଳୟରୁ କାଢ଼ି ନିଆଯାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସାମିଲ କରାଯାଇଛି ଏବଂ ଯୁକ୍ତ୨କୁ ଉଚ୍ଚ ବିଦ୍ୟାଳୟରେ ସାମିଲ କରାଯିବା ପ୍ରକ୍ରିୟା ଆରମ୍ଭ ହେଲାଣି। ଫଳତଃ ପ୍ରତି ଗ୍ରାମପଞ୍ଚାୟତରେ ଏକ ଉଚ୍ଚ ବିଦ୍ୟାଳୟ ଥିବାରୁ ଏବେ ପିଲାସଂଖ୍ୟା ଅନେକ ମାତ୍ରାରେ କମିଯିବା ଲକ୍ଷ୍ୟ କରାଯାଉଛି। ଏଠି ଉଚ୍ଚ ବିଦ୍ୟାଳୟ ସ୍ତରରେ ପ୍ରାୟତଃ ଶିକ୍ଷକ ସଂଖ୍ୟା ୭/୮ ଥିବାବେଳେ ଅଷ୍ଟମ ଶ୍ରେଣୀ ଯେଉଁ ଜାଗାକୁ ଯାଇଛି ସେଠି ଅନେକ ସ୍ଥାନରେ ଆଠଟି ଶ୍ରେଣୀରେ ମାତ୍ର ୩/୪ଜଣ ଶିକ୍ଷକ ଥିବା ଦୃଷ୍ଟିଗୋଚର ହେଉଛି। ଜାତୀୟ ଶିକ୍ଷାନୀତି ୨୦୨୦ରେ ସରକାର ପୁଣି ଅଙ୍ଗନୱାଡିର ପ୍ରାକ୍ ବିଦ୍ୟାଳୟ ଶିକ୍ଷାକୁ ପ୍ରାଥମିକ ବିଦ୍ୟାଳୟରେ ସାମିଲ କରାଯିବା କଥା କହିଛନ୍ତି, ଯଦ୍ଦ୍ୱାରା ପାହାଡ,ନଦୀ ବା କମ୍ ଜନବସତି ଥିବା ସ୍ଥାନରୁ ମାତ୍ର ତିନି/ଚାରି ବର୍ଷର ଶିଶୁମାନଙ୍କୁ ଅନେକ ସ୍ଥାନରେ ବିଦ୍ୟାଳୟ ମାଡିବାକୁ ମାଇଲ ମାଇଲ ବାଟ ଅତିକ୍ରମ କରିବାକୁ ପଡିବ। ଏଠି ଦେଖିଲେ ସହରାଞ୍ଚଳମାନଙ୍କରେ ପ୍ରାୟତଃ ଥିବା ବେସରକାରୀ ବିଦ୍ୟାଳୟମାନଙ୍କରେ ଆରମ୍ଭରୁ ଏଲ୍‌କେଜି, ୟୁକେଜି ଭଳି ଶିକ୍ଷାର ବ୍ୟବସ୍ଥା ରହିଛି। କିନ୍ତୁ ଭୂମିରୂପ ତଥା ଆର୍ଥିକ ମାନଦଣ୍ଡରେ ଏତେ ତଫାତ୍ ଥିବା ଭାରତବର୍ଷରେ ସବୁ କୁନିକୁନି ଶିଶୁ କ'ଣ ମାଇଲ ମାଇଲ ବାଟ ଚାଲିକି ଆସିପାରିବେ ନା ସମସ୍ତଙ୍କ ପାଇଁ ସରକାର ବା ଅଭିଭାବକ ଗାଡିର ବ୍ୟବସ୍ଥା କରିପାରିବେ?

ସରକାର ଚାହିଁଲେ ଏହାର ସରଳ ସମାଧାନ ହୋଇପାରିବ। ପ୍ରଥମତଃ ଆଗରୁ ଯେମିତି ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଏକାଠି ରହୁଥିଲା ସେମିତି ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଯେତେ ପିଲା ହୁଅନ୍ତୁ ନା କାହିଁକି ନିମ୍ନ ପ୍ରାଥମିକ ବିଦ୍ୟାଳୟ ରହିବ। ପ୍ରାକ୍ ବିଦ୍ୟାଳୟ ଶିକ୍ଷାକୁ ମଧ୍ୟ ଏଥିରେ ସାମିଲ କରାଯିବାର ଆବଶ୍ୟକତା ରହିଛି, କାରଣ ଅତିକମ୍‌ରେ ୨୫୦ ଜନସଂଖ୍ୟାକୁ ଆଧାରକରି ଯେଉଁ ଅଙ୍ଗନୱାଡି ରହିବାର ବ୍ୟବସ୍ଥା ଅଛି ତହିଁରେ ଅନେକ ଗାଁରେ ଆଜି ପର୍ଯ୍ୟନ୍ତ କେନ୍ଦ୍ରଟିଏ ସ୍ଥାପନ ହୋଇପାରିନାହିଁ ଏବଂ ୩ ରୁ ୬ ବର୍ଷର ଶିଶୁ ଘରଠାରୁ ଦୂରରେ ଥିବା କେନ୍ଦ୍ରକୁ ଯାଇ ନ ପାରି ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ପ୍ରତ୍ୟେକ ଗାଁରେ ବିଦ୍ୟାଳୟ ହେଲେ ପିଲା ବେଶି ହେବେ ନାହିଁ। ତେଣୁ ୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀରେ ମଧ୍ୟ ଶିକ୍ଷାଦାନ ଠିକ୍ ଢଙ୍ଗରେ ହୋଇପାରିବ।

କ୍ଲଷ୍ଟର ସ୍ତରରେ ଅର୍ଥାତ୍ ଭୂମିରୂପକୁ ଆଖି ଆଗରେ ରଖି ଗୋଟିଏ ଗ୍ରାମପଞ୍ଚାୟତକୁ ୪/୫ଟି ଭାଗରେ ବିଭକ୍ତ କରାଯାଇ ଗୋଟିଏ କରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଯେଉଁଠି କି ଚତୁର୍ଥ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାର ବ୍ୟବସ୍ଥା କରାଯିବା ଉଚିତ। ଏଥିରେ ଚାରୋଟି ଶ୍ରେଣୀକୁ ଚାରିଜଣ ଶିକ୍ଷକ ଏବଂ ଛାତ୍ର ସଂଖ୍ୟାକୁ ଆଧାରକରି ଅତିରିକ୍ତ ଶିକ୍ଷକ ଯୋଗାଇ ଦେଇପାରିଲେ ଶିକ୍ଷାଦାନ ଉତ୍ତମ ରୂପେ ସମ୍ପାଦନ ହୋଇପାରିବ ବୋଲି ଧାରଣା। ତା'ପରେ ପ୍ରତି ଗ୍ରାମପଞ୍ଚାୟତରେ ଗୋଟିଏ ଉଚ୍ଚ ବିଦ୍ୟାଳୟ ରହିବ, ଯେଉଁଠି ୮ମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିବ ଏବଂ ଆଗଭଳି ବିଷୟ ଶିକ୍ଷକ ସହ ବିଦ୍ୟାଳୟରେ ୭/୮ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିବେ। ଯୁକ୍ତ୨ ବର୍ତ୍ତମାନ ଯେମିତି ଅଲଗା ରହିଛି ତାହା ଠିକ୍ ଅଛି ଏବଂ ଏହାକୁ ଉଚ୍ଚ ବିଦ୍ୟାଳୟରେ ମିଶାଇବାର ବ୍ୟବସ୍ଥା ନ କରିବା ଉଚିତ। କାରଣ ସେଠାରେ ପିଲାମାନଙ୍କର ଅନେକ ଇଚ୍ଛାଧୀନ ବିଷୟ ରହୁଛି ଏବଂ ନିଜ ନିଜ ରୁଚିରେ ପିଲା ଓଡ଼ିଆ ବା ଇଂରାଜୀ ମାଧ୍ୟମରେ ପରୀକ୍ଷା ଦେଉଛନ୍ତି। ସେଠାକାର ପାଠପଢା ଟିକେ ସ୍ୱତନ୍ତ୍ର। ତେଣୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହିତ ଏ ଦିଗରେ ଆଲୋଚନା ପୂର୍ବକ ସମସ୍ତଙ୍କ ପାଇଁ ସମାନ ବିଦ୍ୟାଳୟର ନୀତି ଆପଣେଇଲେ ଶିକ୍ଷାରେ ସୁଧାର ଆସିପାରିବ।

ପଦରପଡ଼ା, ବୌଦ୍ଧ
ମୋ–୯୪୩୭୫୭୧୮୩୧

# ବିସର୍ଜନ



ବିପ୍ଳବ

କାହାକୁ ଧରାପୃଷ୍ଠରୁ ଅନ୍ତିମ ବିଦାୟ ଦେବାର ମୁହୂର୍ତ୍ତ ଏତେ ଯନ୍ତ୍ରଣାଦାୟକ ଯେ ତାକୁ ଭାଷାରେ ପ୍ରକାଶ କରିବା ସହଜ ନୁହେଁ। ତାକୁ ପ୍ରକାଶିତ କରିବାର ମାଧ୍ୟମ କେବଳ ଅଶ୍ରୁ ହୋଇପାରେ। ଆଉ ଏହି ଅଶ୍ରୁର ଭାଷା କେବଳ ମଣିଷ ବୁଝେନି; ପଶୁ, ପକ୍ଷୀ, କୀଟ, ପତଙ୍ଗ ବି ବୁଝିବାକୁ ସକ୍ଷମ। କାହାକୁ ବିଦାୟ ଦେଇ ଯଦି କିଏ ଆହ୍ଲାଦିତ ହୁଏ, ସେ ହୁଏତ ତା'ର ଶତ୍ରୁ ହୋଇପାରେ ଅଥବା ଅମଣିଷ ହୋଇପାରେ। ସେ ଅମଣିଷ ବି ପଶୁ ସହିତ ତୁଳନୀୟ ନୁହେଁ। କାରଣ ପଶୁ ସ୍ନେହ, ପ୍ରେମର ମୂଲ୍ୟ ବୁଝେ ଆଉ କାହାକୁ ହରେଇ ଦୁଃଖୀ ହୋଇପାରେ। ମଣିଷକୁ ଛାଡ଼ି ଅନ୍ୟ କୌଣସି ଜୀବ କାହାର ଅନ୍ତିମ ବିଦାୟ ବେଳାରେ ଉତ୍ଫୁଲ୍ଲିତ ହେବାର ଦେଖାଯାଏ ନାହିଁ। ସେଥିପାଇଁ ବୋଧେ ଚିକେନ୍ ଦୋକାନ, ମଟନ୍ ଦୋକାନ ଆଉ କଂସେଇଖାନା ଆଗରେ ସଦାବେଳେ ଲମ୍ବା ଧାଡ଼ି ଲାଗିଥାଏ। କାହାର ଶବ ସଂସ୍କାର କାର୍ଯ୍ୟରେ ଆତ୍ମୀୟସ୍ୱଜନ, ରକ୍ତ ସମ୍ପର୍କୀୟ ଆଉ ପାଖ ପଡ଼ୋଶୀ ପାଇଁ ଲୋଡ଼ାହୁଏ ନାଳିପାଣି। ଦେବଦେବୀଙ୍କ ବିସର୍ଜନ ବେଳେ ଲୋଡ଼ାହୁଏ ଅଶ୍ଳୀଳ ସଙ୍ଗୀତ, ଉଦଣ୍ଡ ନୃତ୍ୟ ଆଉ ମାତାଲ ମନ।

ଆମ ପୁରାଣ ଶାସ୍ତ୍ରଗୁଡ଼ିକୁ ଦୃଷ୍ଟି ନିକ୍ଷେପ କଲେ ଗୋଟିଏ ନିଷ୍କର୍ଷରେ ପହଞ୍ଚିପାରିବା ଯେ, ଧରାପୃଷ୍ଠରେ ଅଧିକାଂଶ ଦେବଦେବୀଙ୍କ ଆବିର୍ଭାବ ଆସୁରିକ ଶକ୍ତି ବା ନକାରାତ୍ମକ ଶକ୍ତିର ବିନାଶ ଆଉ ଧର୍ମର ସ୍ଥାପନା ପାଇଁ ହୋଇଥିଲା। ଯୁଗେ ଯୁଗେ ଧର୍ମର ଜୟ ଆଉ ପାପର କ୍ଷୟ, ଏଇ କଥାଟିକୁ ଆମର ବାରମ୍ବାର ସ୍ମରଣ କରେଇବା ପାଇଁ ବର୍ଷସାରା ଆମେ ଅନେକ ପର୍ବପର୍ବାଣି ପାଳନ କରୁ, ଦେବଦେବୀଙ୍କୁ ଆବାହନ କରୁ ଆଉ ତାଙ୍କର ପୂଜାର୍ଚ୍ଚନା କରି ଶେଷରେ ବିସର୍ଜନ କରୁ। କିନ୍ତୁ ଯେଉଁମାନେ ସେଇ ଦେବଦେବୀଙ୍କ ପାଇଁ ଗାଡ଼ି ଅଟକେଇ ଚାନ୍ଦା ଆଦାୟ କରନ୍ତି, ପେଣ୍ଡାଲ ସଜାନ୍ତି, ଦେବଦେବୀଙ୍କ ପ୍ରତିମା ସଜେଇ ବ୍ରାହ୍ମଣ ଡାକି ପ୍ରାଣପ୍ରତିଷ୍ଠା କରାନ୍ତି, ମାଇକ୍ ଲଗେଇ ଗୀତ ବଜାନ୍ତି, ପ୍ରତିମା ପଛପଟେ ମାଂସ ଆଉ ସୁରାର ଆୟୋଜନ କରନ୍ତି, ବିସର୍ଜନ ବେଳେ ଅଶ୍ଳୀଳ ସଙ୍ଗୀତ ବଜାନ୍ତି ଆଉ ପ୍ରାଣଘାତୀ ଡିଜେର ତାଳେତାଳେ ମଦ ପିଇ ଉଦଣ୍ଡ ନୃତ୍ୟ କରନ୍ତି, ସେମାନେ କ'ଣ ସେଇ ଦେବଦେବୀଙ୍କ ବିଷୟରେ ଜ୍ଞାନ ରଖିଥାନ୍ତି? ତାଙ୍କ ବିଷୟରେ ସେଇ କିଛି ଦିନ ହେଉ ପଛେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରି ଆଲୋଚନା କରାନ୍ତି କି? ନା ଆସୁରିକ ଶକ୍ତିର ବିନାଶ ପାଇଁ ଯେଉଁମାନଙ୍କର ଆବିର୍ଭାବ, ସେଇମାନଙ୍କ ସାମ୍ନାରେ ନିଜ ନିଜ ଆସୁରିକପଣର ପ୍ରଦର୍ଶନ କରାନ୍ତି?

ତୁମର କେହି ଆତ୍ମୀୟସ୍ୱଜନ ତୁମଠୁଁ ବିଦାୟ ନେବାବେଳେ ତୁମେ ଦୁଃଖୀ ହୋଇପଡ଼। ଆଖି ଛଳଛଳ କର, ମନ ଭାରାକ୍ରାନ୍ତ ହୋଇଯାଏ,



ହୃଦୟ ବତୁରିଯାଏଁ। ତମେ ଭିତରେ ଭିତରେ ଭାଙ୍ଗିପଡ଼, ଅଥଚ ତମ ଦେବଦେବୀଙ୍କ ଅନ୍ତିମ ବିଦାୟ ବେଳରେ ତମେ ବିବେକହୀନ ହୋଇଯାଅ କେମିତି? ମଣିଷପଣିଆର ବିସର୍ଜନ କରିଦିଅ କେମିତି! ଯେଉଁ ଦେବଦେବୀଙ୍କର ପ୍ରାଣ ପ୍ରତିଷ୍ଠା ଲାଗି ମାସ ମାସ ଆଗ୍ରହ ସହକାରେ ଅପେକ୍ଷାକର, ମନ୍ତ୍ରପାଠରେ ପବିତ୍ର କରାଅ, ସେଇମାନଙ୍କ ବିଦାୟବେଳରେ ତମ ଆଖିରେ ଲୁହ ନ ଥାଏ, ଏ କେମିତି ମାନସିକତା ତୁମର? ଏଇଆ କ'ଣ ତୁମ ଧର୍ମ, ତୁମ ବିବେକ ବିଚାର? ତମେ ନିଜେ ଯଦି ନିଜ ଧର୍ମକୁ ସମ୍ମାନ ଦେବନି, ଦେବଦେବୀଙ୍କୁ ସମ୍ମାନ ଦେବନି, ତେବେ ଭିନ୍ନ ସମ୍ପ୍ରଦାୟ ବା ଧର୍ମର ଲୋକ ତୁମ ଦେବଦେବୀଙ୍କୁ କେମିତି ସମ୍ମାନ କରିବେ? ଏ ପ୍ରଶ୍ନ କ'ଣ କାହାକୁ ଆନ୍ଦୋଳିତ କରେନି?

ପ୍ରାକ୍ ସ୍ୱାଧୀନତା କାଳରେ ହିନ୍ଦୁମାନଙ୍କୁ ଏକଜୁଟ କରିବା ପାଇଁ ବାଲ୍ ଗଙ୍ଗାଧର ତିଳକ ଗୋଟିଏ ଯୋଜନା କରିଥିଲେ। ସେଥିପାଇଁ ମହାରାଷ୍ଟ୍ରରେ ସେ ବିନାୟକଙ୍କ ପୂଜା ଆରମ୍ଭ କରିଥିଲେ। ଉଦ୍ଦେଶ୍ୟ ଥିଲା ଧର୍ମୀୟ ବାତାବରଣ ସୃଷ୍ଟି କରିବା ସହିତ ହିନ୍ଦୁମାନଙ୍କୁ ସଙ୍ଗଠିତ କରି ଇଂରେଜମାନଙ୍କ ବିରୋଧରେ ଲଢ଼ିବା। ସେଥିପାଇଁ ଆଜି ବୋଧେ ମହାରାଷ୍ଟ୍ରର ଗଣେଶ ପୂଜା ଭାରତ ପ୍ରସିଦ୍ଧ। ହେଲେ ଆଜିର ଯୁବ ସମାଜ ନିଜ ପର୍ବପର୍ବାଣି ପାଳନର ମୂଳ ଲକ୍ଷ୍ୟରୁ ବିଚ୍ୟୁତ ହୋଇ ପୂଜାକୁ ଉପଭୋଗ ସର୍ବସ୍ୱ ପର୍ବରେ ବଦଳେଇ ଦେଲେଣି। ସବୁଠି ତା'ର ମନୋରଞ୍ଜନ ଲୋଡ଼ା। ଜୀବନକୁ ଉପଭୋଗ କରିବା ପାଇଁ ପର୍ଯ୍ୟଟନ ସ୍ଥଳୀ ବୁଲ, ସିନେମା ଦେଖ, ଯାତ୍ରା ଦେଖ, ମେଲୋଡ଼ି ଦେଖ, ଗୀତ ଶୁଣ ଏ ସବୁ ଠିକ୍ ଅଛି। ମନୋରଞ୍ଜନର ଭରପୂର ସୁଯୋଗ ଉପଲବ୍ଧ ଥିବା ବେଳେ ଗୋଟିଏ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ କେମିତି ଏମିତି ଶସ୍ତା ଚିନ୍ତା କରିପାରେ ମଣିଷ! ପ୍ରତିଟି ଧର୍ମୀୟ ବାତାବରଣରେ ତା'ର ମଦ ଦରକାର, ଭୋଜି ଦରକାର ଆଉ ପ୍ରତିଟି ବିସର୍ଜନରେ ତା'ର ଦ୍ୱିଅର୍ଥବୋଧକ ସଙ୍ଗୀତ ଦରକାର, ଉଦଣ୍ଡ ନୃତ୍ୟ ଦରକାର! ଏ ପ୍ରତିମା ବିସର୍ଜନ ନା ନିଜ ମଣିଷପଣିଆର ବିସର୍ଜନ?

ଆସୁରିକ ଶକ୍ତିର ବିନାଶ ପାଇଁ, ଜଗତର କଲ୍ୟାଣ ପାଇଁ ଯେଉଁମାନଙ୍କର ଆବିର୍ଭାବ; ତମେ ସେଇମାନଙ୍କ ସାମ୍ନାରେ ନିଜର ଆସୁରିକ ଶକ୍ତିର ପ୍ରଦର୍ଶନ କରିବ! ଏହାଠୁ ଦୁର୍ଭାଗ୍ୟପୂର୍ଣ୍ଣ କଥା କ'ଣ ଥାଇପାରେ? ତମେ ଯଦି ମନୋରଞ୍ଜନ ବେଳେ ଧର୍ମକଥା ଚିନ୍ତା କରୁନ, ତେବେ ଧର୍ମକାମରେ ମନୋରଞ୍ଜନ ଚିନ୍ତା କାହିଁକି କରୁଛ? ଗୋଟିଏ ଆଧ୍ୟାତ୍ମିକ ବାତାବରଣ ଯେଉଁ ଶାନ୍ତି, ଯେଉଁ ସୁଖ ପ୍ରଦାନ କରେ ତାହା ଅନେକ ଅଶୁଭ ଚିନ୍ତା ବିସର୍ଜନର କାରଣ ହୋଇଥାଏ। ଅତଏବ କାହାର ବିସର୍ଜନ ଶୋଭାଯାତ୍ରାରେ ମଣିଷପଣିଆର ବିସର୍ଜନ ନ ହେଉ, ଅନ୍ତତଃପକ୍ଷେ ମଣିଷଟିଏ ତା' ଜୀବନରେ ଏଇ ଗୋଟିଏ ସଂକଳ୍ପ ନେଉ।

ମକୁନ୍ଦପୁର, ବାଙ୍କୀ
ମୋ: ୯୪୩୭୪୬୮୦୧୬

## ଏଇ ଭାରତରେ

ମଇଁଷିର ଦାମ୍ ସର୍ବାଧିକ ୨୩ କୋଟି ଟଙ୍କା ଏବଂ ଏଥିରେ ଏକାଧିକ ରୋଲ୍ସ ରଏସ କିମ୍ବା ମର୍ସିଡିଜ କାର୍ କିଣାଯାଇପାରିବ। କେବଳ ଏତିକି ନୁହେଁ ୨୦ଟି ଲକ୍ଜ୍ୟୁରି ହାଉସ ମଧ୍ୟ କିଣିହେବ। ଏକଥା ହୁଏତ ଅନେକଙ୍କୁ ଆଶ୍ଚର୍ଯ୍ୟ କରିପାରେ। ମାତ୍ର ଏଭଳି ଧରଣର ମଇଁଷି ଦେଖିବାକୁ ମିଳିଛି ଉତ୍ତରପ୍ରଦେଶ ସର୍ଦ୍ଦାର ବଲ୍ଲଭଭାଇ ପଟେଲ କୃଷି ବିଶ୍ୱବିଦ୍ୟାଳୟରେ ଆୟୋଜିତ ମେଳାରେ। ଏହାର ନାମ ଅନମୋଲ ଓ ମାଲିକ ହେଉଛନ୍ତି ଜଗତ୍ ସିଂ। ପ୍ରତିଦିନ ଏହି ମଇଁଷି ୫ କେଜି କ୍ଷୀର, ୪ କେଜି ଅଙ୍ଗୁର ରସ, ୩୦ଟି କଦଳୀ, ୨୦ଟି ଅଣ୍ଡା, ୨୫୦ ଗ୍ରାମ ଆଲମଣ୍ଡ ସହିତ ଚାରା ଖାଏ। ଅନମୋଲ ଦିନକୁ ଦୁଇଥର ଗାଧାଏ ଏବଂ ସୋରିଷ ଓ ଆଲମଣ୍ଡ ତେଲରେ ତା' ଶରୀରକୁ ମାଲିସ କରାଯାଇଥାଏ। ଏହାର ସିମେନ ବିକ୍ରି କରି ମାସକୁ ୪–୫ ଲକ୍ଷ ଟଙ୍କା ରୋଜଗାର କରୁଥିବା କୁହନ୍ତି ଜଗତ। ସେଠାରେ ମଧ୍ୟ ୯ କୋଟି ଓ ୧୦ କୋଟି ଟଙ୍କା ମୂଲ୍ୟର ମଇଁଷି ଆସିଥିଲେ। ତେବେ ଏତେ ଦାମ୍ ସତ୍ତ୍ୱେ ଏହି ମଇଁଷିଙ୍କୁ ବିକ୍ରି କରାଯାଏ ନାହିଁ, ବରଂ ଖୁବ୍ ଯତ୍ନରେ ଏମାନଙ୍କ ରକ୍ଷଣାବେକ୍ଷଣ କରାଯାଏ। ବିଶ୍ୱବିଦ୍ୟାଳୟର ଅଧିକାରୀଙ୍କ କହିବା ଅନୁସାରେ ଏହି ସବୁ ମଇଁଷିଙ୍କୁ କୃତ୍ରିମ ଗର୍ଭଧାରଣ ନିମନ୍ତେ ବ୍ୟବହାର କରାଯାଉଛି। ଜାତୀୟ ସ୍ତରରେ ନୁହେଁ ବରଂ ଅନ୍ତର୍ଜାତୀୟ ସ୍ତରରେ ଏମାନଙ୍କ ସିମେନ୍‌ର ଚାହିଦା ରହିଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୭ ଅକ୍ଟୋବର ୧୯୭୫

- ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ଓ କର୍ନାଟକ ମୁଖ୍ୟମନ୍ତ୍ରୀମାନଙ୍କ ମଧ୍ୟରେ ଗୋଦାବରୀ ନଦୀ ଜଳବଣ୍ଟନ ନିମନ୍ତେ ହୋଇଥିବା ରାଜିନାମା ଆନ୍ଧ୍ରପ୍ରଦେଶ କ୍ୟାବିନେଟ ବୈଠକରେ ଗୃହୀତ।
- ସୌରାଷ୍ଟ୍ର ଉପକୂଳରେ ଭୀଷଣ ଝଡ଼ତୋଫାନ ପ୍ରବାହିତ ହେବାଫଳରେ ୩୫ଜଣଙ୍କ ପ୍ରାଣହାନୀ।

## ଚିରନ୍ତନୀ

ଆଖିମୟ ଦେହ ମମ
ଲାଗେ ମଧୁଲୀଟ ସମ
ସୁଷମାର ମଧୁପାନେ ରମଇଁ
ଅସ୍ଥିର ପାଦ ନାହିଁ ଗମଇ।
(ଶରତ–ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 6 | | |
| | 5 | 2 | 9 | | | 3 | 7 | |
| 4 | | | | | | 5 | | |
| | 2 | | | 6 | 3 | | | |
| 1 | | | | 4 | | | | |
| | | 8 | 5 | | | 7 | | |
| | | | | | | | | |
| | | | 7 | | | | 9 | 5 |
| 9 | | | 1 | | 6 | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 9 | 4 | 2 | 6 | 3 | 8 | 1 |
| 6 | 2 | 1 | 5 | 3 | 8 | 4 | 9 | 7 |
| 4 | 8 | 3 | 7 | 1 | 9 | 2 | 5 | 6 |
| 1 | 5 | 2 | 8 | 9 | 4 | 7 | 6 | 3 |
| 9 | 3 | 8 | 6 | 7 | 2 | 1 | 4 | 5 |
| 7 | 6 | 4 | 1 | 5 | 3 | 8 | 2 | 9 |
| 8 | 1 | 6 | 9 | 4 | 7 | 5 | 3 | 2 |
| 3 | 9 | 5 | 2 | 8 | 1 | 6 | 7 | 4 |
| 2 | 4 | 7 | 3 | 6 | 5 | 9 | 1 | 8 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ହେନ୍ତାଳବନ ବଞ୍ଚାଇଦେଲା

ମହାଶୟ,

ଆମ ରାଜନଗରରେ ବାତ୍ୟା 'ଦାନା' ଲ୍ୟାଣ୍ଡଫଲ କରିବା ଖବର ଶୁଣି ଆମେ ଭୟଭୀତ ଅବସ୍ଥାରେ ଥିଲୁ। ତଥାପି ମନରେ ଦମ୍ଭ ଥିଲା, କାରଣ ଆଗରୁ ଅନେକ ବାତ୍ୟାର ଆମେ ସମ୍ମୁଖୀନ ହୋଇଥିଲୁ। ଏ ସବୁଥିରୁ ଆମ ଧନଜୀବନ କ୍ଷୟକ୍ଷତିରୁ ବଞ୍ଚାଇଛି ଭିତରକନିକାର ହେନ୍ତାଳବନ ବା ଲୁଣା ଜଙ୍ଗଲ। ବାତ୍ୟା 'ଦାନା' ସ୍ଥଳଭାଗ ଛୁଇଁବା ପରେ ହେନ୍ତାଳବନ ଯୋଗୁ ତା'ର ପ୍ରକୋପ କମିଯାଇଥିଲା। ମାତ୍ର ଭିତରକନିକାରେ ହେନ୍ତାଳବନ ହ୍ରାସ ପାଇବା ଏବେ ଉଦ୍‌ବେଗଜନକ ବିଷୟ ପାଲଟିଛି। ସ୍ଥାନୀୟ ଅଧିବାସୀ ଏବଂ ଅନୁପ୍ରବେଶକାରୀମାନେ ଜନବସତି ସ୍ଥାପନ ତଥା ଚିଙ୍ଗୁଡି ଘେରି ଓ ଜାଳେଣି ପାଇଁ ଅବାଧରେ ଲୁଣା ଜଙ୍ଗଲ କାଟି ନେଉଛନ୍ତି। ଯାହା ଫଳରେ ବନି, ସୁନ୍ଦରୀ, ଗୁଆଁ, ରାଇ, କେରୁଆଁ, ବନ୍ଦରୀ, ଖରଖରି, ସିଙ୍ଗଡା, ଶିଶୁମାର, ହେନ୍ତାଳ ଆଦି କମି ଆସିଲାଣି। ଯଦି ବନ ବିଭାଗ ତଥା ସରକାର ଏଥିପ୍ରତି ଧ୍ୟାନ ନ ଦିଅନ୍ତି, ତେବେ ହେନ୍ତାଳବନ ଲୋପ ପାଇଯିବ।

**– ଦେବେନ୍ଦ୍ର କୁମାର ରାଉଳ, ଜୁଣଗଡ଼ି, ରାଜନଗର, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ବିଜ୍ଞାନ ମେଳା, ମିନାବଜାର**

କଟକ, (କାର୍ତ୍ତିକ ସାହୁ)- ଚାନ୍ଦିନୀଚୌକ ବନ୍ଧବାଶେଳୀସ୍ଥିତ ଶ୍ରୀଭାରତୀ ସ୍କୁଲରେ ବିଜ୍ଞାନ ମେଳା ଓ ମିନାବଜାର ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡା. ରବି ରଞ୍ଜନ ସାହୁ ମେଳାକୁ ଉଦ୍‌ଘାଟନ କରି ପିଲାଙ୍କୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ଉନ୍ନତ କରିବା ପାଇଁ ଉପଦେଶ ଦେଇଥିଲେ। କାଜିବଜାର ସରକାରୀ ବାଳିକା ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ରତ୍ନପ୍ରଭା ତ୍ରିପାଠୀ ଓ ବାଲୁବଜାର ସରସ୍ୱତୀ ଶିଶୁ ମନ୍ଦିରର ବିଜ୍ଞାନ ଶିକ୍ଷକ ଅଶୋକ ମିଶ୍ର ବିଚାରକ ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସିଂହ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନର ସଦୁପଯୋଗ କରିବାକୁ କହିଥିଲେ। ଦେବାଶିଷ ସିହ୍ନା ଧନ୍ୟବାଦ ଦେଇଥିଲେ।



# ପ୍ରାଚୀନ ପରମ୍ପରାରେ ବିଦ୍ୟାଧରପୁର କାଳୀପୂଜା

■ପାଳନ ହେଉଛି ପୁରୁଣା ପରମ୍ପରା

■ବଡ଼କାଳୀ, ସାନକାଳୀ ଓ ଦକ୍ଷିଣକାଳୀଙ୍କ ସମେତ ୨୮ଟି ପୂଜା ମଣ୍ଡପରେ ପୂଜାର୍ଚ୍ଚନା

କଟକ,୨୬।୧୦(ଶିଳ୍ପା ପ୍ରିୟଦର୍ଶିନୀ)


ବଡକାଳୀ


ସାନକାଳୀ

ଆସୁଛି କାଳୀପୂଜା। କଟକରେ ୭୩ଟି ମଣ୍ଡପରେ ମା' କାଳୀଙ୍କ ପୂଜାର୍ଚ୍ଚନା କରାଯିବ। ସେଥିମଧ୍ୟରେ କଟକ ବିଦ୍ୟାଧରପୁର ଅଞ୍ଚଳର କାଳୀପୂଜା ନିଆରା। ବିଦ୍ୟାଧରପୁରରେ ବଡକାଳୀ, ସାନକାଳୀ ଓ ଦକ୍ଷିଣକାଳୀଙ୍କ ସମେତ କାଳୀୟ ଦଳନ, କାର୍ତ୍ତିକେଶ୍ୱର ଓ ହରପାର୍ବତୀ ଭଳି ଅନ୍ୟାନ୍ୟ ୨୮ଟି ମୂର୍ତ୍ତି ପୂଜା କରାଯାଏ। ବିଶେଷକରି ଏଠାରେ ମା'କାଳୀଙ୍କ ପୂଜା ଷୋଡଶ ଉପଚାର ରୀତିନୀତି ଅନୁଯାୟୀ କରାଯାଇଥାଏ। କଟକରେ ଆସନ୍ତା ୩୧ରେ କାଳୀପୂଜା ଓ ନଭେମ୍ବର ୩ରେ ଭସାଣି ଯାତ୍ରା ହେବ। ହେଲେ ବିଦ୍ୟାଧରପୁରଠାରେ ୪ ଦିନ ଧରି ମା'ଙ୍କ ପୂଜା କରାଯିବ। ଚତୁର୍ଥ ଦିନ ଅପରାଜିତା ପୂଜା କରାଯାଇ ମା'ଙ୍କ ଘଟ ବିସର୍ଜନ କରାଯିବ। ଆସନ୍ତା ନଭେମ୍ବର ୧୦ ତାରିଖରେ ବଡକାଳୀ, ସାନକାଳୀ ଓ ଦକ୍ଷିଣକାଳୀଙ୍କ ସମେତ ଅନ୍ୟାନ୍ୟ ୨୮ଟି ମୂର୍ତ୍ତି ବିଦ୍ୟାଧରପୁର ମେଲଣ ପଡ଼ିଆରେ ଏକତ୍ରିତ ହେବେ। ସେଠାରେ ମେଲଣ ହେବ। ୧୧ ତାରିଖରେ ପ୍ରଥମେ ବଡକାଳୀ, ସାନକାଳୀ ଓ ଦକ୍ଷିଣକାଳୀ ମୂର୍ତ୍ତିକୁ ନିଆଯାଇ ତାଳଦଣ୍ଡା କେନାଲରେ ବିସର୍ଜନ କରାଯିବ। ଏହାପରେ ଅନ୍ୟ ୨୮ଟି ମୂର୍ତ୍ତିକୁ କ୍ରମାନ୍ୱୟରେ ନିଆଯାଇ ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯିବ।

## ଏମାନେ କୁହନ୍ତି...

### ପୂଜା କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯିବ



ବିଦ୍ୟାଧରପୁର ଅଞ୍ଚଳରେ କାଳୀପୂଜା ଅନ୍ୟ ଅଞ୍ଚଳଠାରୁ ସମ୍ପୂର୍ଣ୍ଣ ଭିନ୍ନ। ମା'ଙ୍କୁ ୪ଦିନ ଧରି ପୂଜାର୍ଚ୍ଚନା କରାଯାଏ। ମା'ଙ୍କ ନିକଟରେ ମାନସିକ କଲେ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ବିସର୍ଜନ ଦିନ ସମସ୍ତ ପୂଜା କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯିବ।

–ନଗେନ ମହାରଣା, ଉପସଭାପତି, ବିଦ୍ୟାଧରପୁର ପୂଜା କମିଟି

### ମାନସିକ ପୂରଣ ହୁଏ



ମା'ଙ୍କୁ ଯିଏ ଯାହା ମାଗିଛି କେବେ ନିରାଶ ହୋଇନି। ମାନସିକ କଲେ ମନସ୍କାମନା ପୂରଣ ହୋଇଥାଏ। ମା'ଙ୍କ ବିସର୍ଜନ ଦିନ ଶ୍ରଦ୍ଧାଳୁମାନେ ନିଜ ଘର ସମ୍ମୁଖ ରାସ୍ତାରେ ହଳଦୀ ପାଣି ଢାଳି ନୂଆ ବସ୍ତ୍ର ପକାଇଥାନ୍ତି।

–କବିତା ମହାରଣା, ସ୍ଥାନୀୟ ବାସିନ୍ଦା

### କାନ୍ଧରେ ବୋହି ମା'ଙ୍କୁ ମେଲାଣି ଦିଆଯାଏ



ପିଲାଙ୍କ ମଙ୍ଗଳ କାମନା ପାଇଁ ମା'ଙ୍କ ନିକଟରେ ମାନସିକ କରାଯାଏ। ତାହା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ପୂଜାରେ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁ ଆସି ଏଠାରେ ମାନସିକ କରନ୍ତି। କାନ୍ଧରେ ବୋହି ମା'ଙ୍କୁ ମେଲାଣି ଦିଆଯାଇଥାଏ।

–ପ୍ରୀତିନନ୍ଦା ସାହୁ, ସ୍ଥାନୀୟ ବାସିନ୍ଦା

### କ'ଣ ରହିଛି ଇତିହାସ

ଶ୍ରୀଚୈତନ୍ୟଙ୍କ କଟକ ଆଗମନ ସମୟରେ ମା'ଙ୍କ ପୂଜକ ବିଶ୍ୱେଶ୍ୱର ଚାଟାର୍ଜୀ ତାଙ୍କ ସହ ବିଦ୍ୟାଧରପୁର ଅଞ୍ଚଳକୁ ଆସିଥିଲେ। ମା'ଙ୍କ ଖଡ୍‌ଗ, ମୂର୍ତ୍ତି ଓ ଘଟକୁ ବିଦ୍ୟାଧରପୁର କାଳୀ ମନ୍ଦିର ନିକଟସ୍ଥ ଏକ ଗଛ ମୂଳରେ ରଖି ପୂଜା ଆରମ୍ଭ କରିଥିଲେ। ପ୍ରାୟ ୫୦୦ ବର୍ଷ ହେବ ବିଦ୍ୟାଧରପୁରଠାରେ ମା' କାଳୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି। ପ୍ରଥମେ ଚାଳଘରେ କାଳୀପୂଜା କରାଯାଇଥିଲା। ୧୯୯୮ ମସିହାରୁ ସ୍ଥାୟୀ କୋଠା ଘରେ ମା'ଙ୍କ ପୂଜା କରାଯାଇଆସୁଛି। ପୂର୍ବରୁ ମା'ଙ୍କ ପାଖରେ ଛାଗ ବଳି ଦିଆଯାଉଥିଲା। ପରେ ପ୍ରଶାସନ ବଳି ପ୍ରଥାକୁ ବନ୍ଦ କରିବାରୁ ଦୀର୍ଘ ୧୮ବର୍ଷ ହେବ ମାନସିକଧାରୀମାନେ ମା'ଙ୍କ ନିକଟରେ ବୋଦା ଉତ୍ସର୍ଗ କରି ଛାଡିଥାନ୍ତି। ଏଥିସହ ମା'ଙ୍କ ନିକଟରେ କଖାରୁ ବଳି ଦିଆଯାଉଛି। ମା'ଙ୍କ ଖପର ପାଣି ପିଇବା ଦ୍ୱାରା ଝାଡାବାନ୍ତି ଓ ଅନ୍ୟାନ୍ୟ ରୋଗରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏଥିସହ ମା'ଙ୍କ କେଶକୁ ତେଉଁରିଆରେ ଭର୍ତ୍ତିକରି ଶିଶୁଙ୍କୁ ପିନ୍ଧିବାକୁ ଦିଆଯାଇଥାଏ। ବଡକାଳୀ, ସାନକାଳୀ ଓ ଦକ୍ଷିଣକାଳୀଙ୍କ ୬ ଫୁଟ୍ ଉଚ୍ଚତାର ମୂର୍ତ୍ତି ନିର୍ମାଣ କରାଯାଏ। କଟକର କାରିଗର ମୁରଲୀଧର ବେହେରା ନିଷ୍ଠାର ସହ ମୂର୍ତ୍ତି ନିର୍ମାଣ କରିଥାନ୍ତି। ବିସର୍ଜନ ସମୟରେ ବହୁ ସଂଖ୍ୟକ ମହିଳା ରାସ୍ତାରେ ଶାଢ଼ୀ ବିଛାଇ ଓ ନଡ଼ିଆ ବାଡେଇ ମାନସିକ କରିଥାନ୍ତି।

# ବାତ୍ୟାରେ ୩୬୩ ପଞ୍ଚାୟତ କ୍ଷତିଗ୍ରସ୍ତ

## ମୁକାବିଲାରେ ୧ କୋଟି ୬ ଲକ୍ଷ ୫୧ ହଜାର ୧୯୫ ଟଙ୍କା ଖର୍ଚ୍ଚ

କଟକ,୨୬।୧୦ (କାର୍ତ୍ତିକ ସାହୁ)

ବାତ୍ୟା ପ୍ରଭାବରେ କଟକ ଜିଲା ୧୪ଟି ବ୍ଲକର ୩୬୩ ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଛି । ବାତ୍ୟାକୁ ଦୃଷ୍ଟିରେ ରଖି ଜିଲାରେ ୬୦,୮୯୫ ଜଣ ଲୋକଙ୍କୁ ରିଲିଫ ଓ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି। ଏଥିପାଇଁ ୭୪୮ଟି କେନ୍ଦ୍ର ଖୋଲାଯାଇଥିଲା। ପୀଡ଼ିତମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ୧୪ଟି ଟିମ୍ ମୁତୟନ କରାଯାଇଥିଲା। ବାତ୍ୟା ପରବର୍ତ୍ତୀ କ୍ଷୟକ୍ଷତି ଆକଳନ ଲାଗି ଜିଲା ପ୍ରଶାସନ ପକ୍ଷରୁ ପ୍ରାଥମିକ ରିପୋର୍ଟ ପ୍ରକାଶ ପାଇଛି। ଜିଲାରେ ମତ୍ସ୍ୟଚାଷ କ୍ଷେତ୍ରରେ କୌଣସି କ୍ଷତି ହୋଇ ନ ଥିବାରୁ ଏଥିପାଇଁ କୌଣସି ସହାୟତା ରାଶିର ଆବଶ୍ୟକତା ନ ଥିବା ଦର୍ଶାଯାଇଛି। ଜିଲାରେ ୭ଟି ବାସଗୃହ ଓ ଗୋଟିଏ ଗୁହାଳ କ୍ଷତିଗ୍ରସ୍ତ ହୋଇଛି। ଏଥିପାଇଁ ୩୧,୦୦୦ ଟଙ୍କାର ସହାୟତା ଦେବାକୁ ଆକଳନ କରାଯାଇଛି। ପ୍ରାଣୀ ସମ୍ପଦ ଓ କୃଷି କ୍ଷେତ୍ରରେ କୌଣସି କ୍ଷତି ହୋଇନାହିଁ। ବାତ୍ୟା ପାଇଁ ହୋଇଥିବା ଅସ୍ଥାୟୀ ଆଶ୍ରୟସ୍ଥଳରେ ରହିବା, ରନ୍ଧାଖାଦ୍ୟ, ପୋଷାକ ଓ ସ୍ୱାସ୍ଥ୍ୟସେବା ପାଇଁ ୧,୦୬,୦୫,୧୯୫ ଟଙ୍କା ଖର୍ଚ୍ଚ କରାଯାଇଛି। ଏଥିସହ ପୋଷାକ, ବାସନକୁସନ, ସନ୍ଧାନୀ ଓ ଉଦ୍ଧାରକାରୀ ଦଳ ନିୟୋଜନ ଏବଂ ପରିବହନ ଆଦି କ୍ଷେତ୍ରରେ ୮,୨୭,୫୫୭ ଟଙ୍କା ଖର୍ଚ୍ଚ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ପ୍ରଦତ୍ତ ସୂଚନାରେ ଦର୍ଶାଯାଇଛି।

# ପୋଲିସର ନିଷ୍କ୍ରିୟତା ବିରୋଧରେ ଉପଜିଲାପାଳଙ୍କୁ ସ୍ମାରକପତ୍ର


ଉପଜିଲାପାଳଙ୍କୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି।

ଆଠଗଡ,୨୬।୧୦(ସତ୍ୟପ୍ରସାଦ ରଥ)

ଆଠଗଡ ବ୍ଲକ ଅନ୍ତର୍ଗତ ଧୁରୁକୁଡିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ବାରମ୍ବାର ଚୋରି ହେଉଛି। ଏନେଇ ଆଠଗଡ଼ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏହାର ପ୍ରତିବାଦରେ ଶନିବାର ଗ୍ରାମବାସୀ ଉପଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୪ ଦିନ ମଧ୍ୟରେ ଚୋରଙ୍କୁ ଧରା ନ ଗଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଅକ୍ଟୋବର ୩ରେ ବିଦ୍ୟାଳୟର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ୪୨ ଇଞ୍ଚର ଏଲ୍ଇଡି ଟିଭି ଚୋରି କରି ନେଇଥିଲେ। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ସେଠୀ ଆଠଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ, ପୋଲିସ ନୀରବତାର ସୁଯୋଗ ନେଇ ଚୋର ପୁନର୍ବାର ୮ତାରିଖରେ ବିଦ୍ୟାଳୟର ସ୍ମାଟ ବୋର୍ଡଟିକୁ ଚୋରି କରି ନେଇଥିଲେ। ଏହି ଚୋରି ପ୍ରସଙ୍ଗରେ ପ୍ରଧାନ ଶିକ୍ଷକ ପୁନର୍ବାର ଆଠଗଡ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସର ନୀରବତା ଦେଖି ଗ୍ରାମବାସୀ ଅସନ୍ତୋଷବ୍ୟକ୍ତ କରି ଉପଜିଲାପାଳଙ୍କୁ ସାକ୍ଷାତ କରିଥିବା କହିଛନ୍ତି।

# ଗୁରୁତର ରୋଗୀଙ୍କୁ ୪ ୟୁନିଟ୍ ରକ୍ତ ପ୍ରଦାନ

ବାଙ୍କୀ,୨୬।୧୦
(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାତ୍ୟା ଦାନା ସମୟରେ ଡମପଡ଼ା ବ୍ଲକ ଗୋପାଳପୁରର ଗୌରାଙ୍ଗ ଚରଣ ସ୍ୱାଇଁ ଅସୁସ୍ଥ ହୋଇ ଗୁରୁତର ହୋଇପଡ଼ିଥିଲେ। ଏବେ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଜରୁରିକାଳୀନ ଅବସ୍ଥାରେ ତାଙ୍କ ପାଇଁ ରକ୍ତ ଦରକାର ପଡିବାରୁ ମା' ଚର୍ଚ୍ଚିକା ରକ୍ତଦାତା ସଂଘ ପକ୍ଷରୁ ୩ୟୁନିଟ ରକ୍ତ ପ୍ରଦାନ କରାଯାଇଛି । ସେହିପରି ଡମପଡ଼ା ବ୍ଲକ ଢଁସର ଗ୍ରାମର ସୁଧାକର ମୁଦୁଲି ଗୁରୁତର ଅସୁସ୍ଥ ହୋଇ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି । ତାଙ୍କର ରକ୍ତ ଦରକାର ପଡ଼ିବାରୁ ଏହି ରକ୍ତଦାତା ସଂଘ ପକ୍ଷରୁ ୧ୟୁନିଟ ରକ୍ତ ପ୍ରଦାନ କରାଯାଇଛି । ରକ୍ତଦାତା ସଂଘର ସଭ୍ୟ ଦିଲୀପ କୁମାର ପ୍ରଧାନ, ସତ୍ୟବ୍ରତ ପ୍ରଧାନ, ପ୍ରିୟରଞ୍ଜନ ସାମଲ, ସଞ୍ଜୟ କୁମାର ଡାଲୁଆ ଏହି ରକ୍ତ ପ୍ରଦାନ କରିଥିଲେ । ବାଙ୍କୀ ରକ୍ତଦାତା ସଂଘର ସଭାପତି ଦେବସ୍ମିତା ରାଉତ, ଉପସଭାପତି ଅନିଲ କୁମାର ସ୍ୱାଇଁ, ସମ୍ପାଦକ ରାମଚନ୍ଦ୍ର ସ୍ୱାଇଁ, କୋଷାଧ୍ୟକ୍ଷ ବେଣୁଧର ବେହେରା ପ୍ରମୁଖ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ। ଜରୁରିକାଳୀନ ପରିସ୍ଥିତିରେ ଗୁରୁତର ରୋଗୀଙ୍କୁ ରକ୍ତ ଆବଶ୍ୟକ ହେଲେ ରକ୍ତଦାତା ସଂଘର କୋଷାଧ୍ୟକ୍ଷ ବେଣୁଧର ବେହେରାଙ୍କୁ ମୋବାଇଲ୍ ନଂ. ୭୭୮୮୨୮୦୨୪ରେ ଯୋଗାଯୋଗ କରିବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।


**ଆସୁଛି ଦୀପାବଳି:** କଟକ ନୟାସଡ଼କ ଅଞ୍ଚଳ ରାସ୍ତା ପାର୍ଶ୍ୱ ଦୋକାନରୁ ମହିଳା ଦୀପ କିଣୁଛନ୍ତି।

# ବାତ୍ୟା ଆଶ୍ରୟସ୍ଥଳରେ ଟେଟ୍ରାହେଡ୍ରନ କଲେଜ ପକ୍ଷରୁ ରନ୍ଧାଖାଦ୍ୟ ବଣ୍ଟନ

ମଙ୍ଗୁଳି–ଜଗତପୁର,୨୬।୧୦(ମାନସ ସାମଲ)– ଟାଙ୍ଗୀ–ଚୌଦ୍ୱାର ବ୍ଲକ ଅଧୀନ ୧୩ଟି ପଞ୍ଚାୟତର ବିଭିନ୍ନ ସ୍ଥାନରେ ଖୋଲାଯାଇଥିବା ବାତ୍ୟା ଆଶ୍ରୟସ୍ଥଳରେ ଟେଟ୍ରାହେଡ୍ରନ କଲେଜ ପକ୍ଷରୁ ୩ଦିନ ଧରି ଲୋକଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି। କଲେଜର ପ୍ରତିଷ୍ଠାତା ତ୍ରିଦେବ ବେହେରା ୪୦ରୁ ଉର୍ଦ୍ଧ୍ୱ ଆଦିବାସୀ ମହିଳା, ପୁରୁଷ ଓ ଛୋଟ ପିଲାଙ୍କୁ ନେଇ ନିଜ କଲେଜ କ୍ୟାମ୍ପସ ପରିସରରେ ରହିବା ଖାଇବା ବ୍ୟବସ୍ଥା କରିଥିଲେ। ଶନିବାର ଟେଟ୍ରାହେଡ୍ରନ ଏଜୁକେଶନାଲ ଟ୍ରଷ୍ଟର ପ୍ରତିଷ୍ଠାତା ତ୍ରିଦେବ ବେହେରା, କଟକ ଜିଲା ରେଡ୍‌କ୍ରସ୍ କନ୍‌ଭେନର ଡ. ସସ୍ମିତା ପଟ୍ଟନାୟକ ଟାଙ୍ଗୀ ଅଞ୍ଚଳର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ ରନ୍ଧାଖାଦ୍ୟ ବଣ୍ଟନ କରିଥିଲେ। ତାଙ୍କର ଏହି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଥିବାବେଳେ ଆଗାମୀ ଦିନରେ ଏଭଳି ସେବା ଜାରି ରହିବ ବୋଲି ତ୍ରିଦେବ କହିଛନ୍ତି।

# କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

ଟିଗିରିଆ, ୨୬।୧୦( ଜାଫର ଖାଁ )

ଟିଗିରିଆ ଥାନା ଅନ୍ତର୍ଗତ ବିନ୍ଧାଣିମା ପଞ୍ଚାୟତ ଛକରେ ଶୁକ୍ରବାର ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। କାର୍ ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲିପୁଟ ଗ୍ରାମର ପୀତବାସ ଜେନାଙ୍କ ପୁଅ ଚିତ୍ତରଞ୍ଜନ ଜେନା (୨୭)। ସୂଚନା ଅନୁଯାୟୀ, ଜଣେ ସାଙ୍ଗ ସହ ଚିତ୍ତରଞ୍ଜନ ବାଇକ୍‌ରେ ଟିଗିରିଆ ଯାଇ ଶୁକ୍ରବାର ରାତି ପ୍ରାୟ ୧୦ଟା ବେଳେ ଫେରୁଥିଲେ। ଏହି ସମୟରେ ବଡ଼ମ୍ବାପଟୁ ଆଠଗଡ଼ ଆଡକୁ ଦ୍ରୁତଗତିରେ ଆସୁଥିବା ଏକ କାର ତାଙ୍କୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ଗୁରୁତର ଅବସ୍ଥାରେ ଚିତ୍ତରଞ୍ଜନଙ୍କୁ ପ୍ରଥମେ ଟିଗିରିଆ ଓ ପରେ ଆଠଗଡ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଟିଗିରିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ କାର୍ ଓ ବାଇକ୍‌କୁ ଜବତ କରିଛି। ଏଥିସହ ଅଭିଯୁକ୍ତ କାର୍ ଚାଳକ ସନ୍ତୋଷ ରଥଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ମାମଲା (ନଂ. ୨୪୯/୨୪) ରୁଜୁ ହୋଇଛି।

# 'ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଗୋଦାବରୀଶଙ୍କ ଯୋଗଦାନ ଅବର୍ଣ୍ଣନୀୟ'

କଟକ,୨୬।୧୦
(କାର୍ତ୍ତିକ ସାହୁ)

ସତ୍ୟବାଦୀ ବନବିଦ୍ୟାଳୟର ଶିକ୍ଷକ ଭାବେ ଗୋଦାବରୀଶ ମିଶ୍ରଙ୍କ ଭୂମିକା ଅତୁଳନୀୟ ଥିଲା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ଯୋଗଦାନ ଅବର୍ଣ୍ଣନୀୟ। ସେହିପରି ସାହିତ୍ୟ ସାଧନା, ସାଙ୍ଗଠନିକ ଦକ୍ଷତା ଓ ଶିକ୍ଷାମନ୍ତ୍ରୀ ଭାବେ ଗୋଦାବରୀଶଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା ବୋଲି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶନିବାର ସାରସ୍ୱତ ସାଧକ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀ ପାଳନ ଅବସରରେ ବକ୍ତାମାନେ ମତପ୍ରକାଶ କରିଛନ୍ତି।

ପ୍ରାରମ୍ଭରେ ଅନୁଷ୍ଠାନ ପରିସରରେ ପଣ୍ଡିତ ଗୋଦବରୀଶ ଓ ଅନ୍ୟ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ଦେଇ ପଣ୍ଡିତ ମିଶ୍ରଙ୍କ ସାଧନାମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ, କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ମୁରଲୀଧର ଶତପଥୀ, ବ୍ରହ୍ମାନନ୍ଦ ମହାନ୍ତି, ତପନ କୁମାର ସ୍ୱାଇଁ, ଦିଲ୍ଲୀପ କୁମାର ଦାସ, ସରୋଜିନୀ ମିଶ୍ର, ଉମାଶଙ୍କର ମିଶ୍ର, ମୈତ୍ରୀଭୂଷଣ ଖୁଣ୍ଟିଆ, ଶରତ ଚନ୍ଦ୍ର ଦାଶ ପ୍ରମୁଖ ପଣ୍ଡିତ ଗୋଦାବରୀଶଙ୍କ ଜୀବନୀ ଓ ପ୍ରତିଭାର ବହୁମୁଖୀ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ନାବାଳିକା ଅପହରଣ ଘଟଣା, ଅଭିଯୁକ୍ତ ଗିରଫ

ଚୌଦ୍ୱାର,୨୬।୧୦(ଆଶୁତୋଷ ଦାସ)

ନାବାଳିକା ଅପହରଣ ଘଟଣାରେ ଚୌଦ୍ୱାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ଯଦୁପୁର ଗ୍ରାମର ଶଶିକାନ୍ତ ଚୌଧୁରୀ । ଶଶିକାନ୍ତ କେରଳରେ କାମ କରୁଥିବାବେଳେ ସୋସିଆଲ ମିଡିଆରେ ଚୌଦ୍ୱାର ଅଞ୍ଚଳର ନାବାଳିକାଙ୍କ ସହିତ ପରିଚୟ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହାପରେ ଶଶିକାନ୍ତ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଅପହରଣ କରି ନେଇଥିଲେ। ନାବାଳିକାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା(ନଂ.୫୦୩/୨୪) ରୁଜୁ କରିଥିଲା। ତଦନ୍ତବେଳେ ନାବାଳିକା କେରଳରେ ଥିବା ଜଣାପଡିଥିଲା। ପରେ କେରଳ ପୋଲିସ ସହ ଚୌଦ୍ୱାର ପୋଲିସ ଯୋଗାଯୋଗ କରି ଉଭୟଙ୍କୁ କାବୁ କରିଥିଲା।

# ଧାନ, ପରିବା ଫସଲ ନଷ୍ଟ

## ବାଙ୍କୀ ଉପଖଣ୍ଡରେ ବାତ୍ୟା ପ୍ରଭାବ

ବାଙ୍କୀ,୨୬।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)



ବାଙ୍କୀ ଉପଖଣ୍ଡରେ ବାତ୍ୟା 'ଦାନା'ର ପ୍ରଭାବରେ ବିଭିନ୍ନ ଅଞ୍ଚଳରେ ବ୍ୟାପକ ଧାନ ଏବଂ ପରିବା ଫସଲ ନଷ୍ଟ ହୋଇଛି । ପବନ ବହିବା ସହ ବର୍ଷା ହେବା ଫଳରେ ଧାନଗଛ ବିଲରେ ଶୋଇପଡି ନଷ୍ଟ ହୋଇଯାଇଛି । ବର୍ତ୍ତମାନ ଜମିରେ ଧାନ କେଣ୍ଡା ହେଉଥିବା ବେଳେ ଆଗାମୀ ୧୫ଦିନ ପରେ କିଛି ଧାନ କଟା ହୋଇ ଅମଳ ହୋଇଥାନ୍ତା । ମାତ୍ର ଫସଲ ନଷ୍ଟ ହୋଇଯିବାରୁ ଚାଷୀ ମୁଣ୍ଡରେ ଏବେ ଚଡ଼କ ପଡ଼ିଛି। ପ୍ରାଥମିକ ସେବାସମବାୟ ସମିତି ଏବଂ ବିଭିନ୍ନ ଜାତୀୟକରଣ ବ୍ୟାଙ୍କରୁ ଚାଷୀ ଋଣ କରି ଧାନ ଫସଲ କରିଥିବାବେଳେ ଏବେ କିପରି ପରିଶୋଧ କରିବେ ସେନେଇ ଚିନ୍ତାରେ ପଡ଼ିଛନ୍ତି। ଚଳିତ ବର୍ଷ ଚାଷୀମାନଙ୍କର ପରିବା ଫସଲ ସମ୍ପୂର୍ଣ୍ଣ ଉଜୁଡି ଯାଇଛି । ସରକାରଙ୍କ ତରଫରୁ ଧାନ ଫସଲ ଏବଂ ପରିବା ଫସଲର ଆକଳନ କରି କ୍ଷତିପୂରଣ ଦେବା ସହ ବୀମା ରାଶି ପ୍ରଦାନ କରିବା ପାଇଁ ବାଙ୍କୀ ଭାଜପାର ବରିଷ୍ଠ ନେତା ତଥା ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ ସରକାରଙ୍କୁ ଅନୁରୋଧ କରିଛନ୍ତି ।

# 'ସାହିତ୍ୟ ଗୋଟିଏ ଜାତିର ମେରୁଦଣ୍ଡ'

## ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀ ସମାରୋହ

କଟକ,୨୬।୧୦ (କାର୍ତ୍ତିକ ସାହୁ)


ସମାରୋହରେ କବି ଫନୀ ମହାନ୍ତିଙ୍କୁ ପଣ୍ଡିତ ଗୋଦାବରୀଶ ମିଶ୍ର ସମ୍ମାନ ପ୍ରଦାନ କରାଯାଉଛି।

କଟକ ସାରଳା ଭବନରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ହାଇକୋର୍ଟ ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଏହାକୁ ଉଦ୍‌ଘାଟନ କରି କହିଥିଲେ, ସାହିତ୍ୟ ଗୋଟିଏ ଜାତିର ମେରୁଦଣ୍ଡ। ଗୋଦାବରୀଶ ମିଶ୍ର ଏକାଧାରରେ ଜଣେ ମହାନ୍ ସଂସ୍କାରକ, ସମ୍ପାଦକ ଓ କାଳଜୟୀ ସ୍ରଷ୍ଟା ଥିଲେ। ତାଙ୍କ ଆତ୍ମଜୀବନୀ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ପୁସ୍ତକ ଓଡ଼ିଆ ସାହିତ୍ୟର ଅନବଦ୍ୟ ସୃଷ୍ଟି ବୋଲି କହିଥିଲେ। ମୁଖ୍ୟବକ୍ତା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. ସଂଘମିତ୍ରା ଭଞ୍ଜ କହିଥିଲେ, ଜଣେ ଆଦର୍ଶ ଶିକ୍ଷାବିତ୍ ଓ ପ୍ରବୀଣ ରାଜନୀତିଜ୍ଞ ଥିଲେ ଗୋଦାବରୀଶ। ତାଙ୍କର ରଚିତ କାଳିଜାଈ ଏକ ଲୋକପ୍ରିୟ ଗାଥା କବିତାର ମାନ୍ୟତା ଲାଭ କରିଛି। ବରେଣ୍ୟ ବକ୍ତା ପ୍ରଫେସର ସତ୍ୟ ନାରାୟଣ ପଣ୍ଡା କହିଥିଲେ, ଗୋଦାବରୀଶ ଥିଲେ ଜଣେ କ୍ରାନ୍ତିକାରୀ ସ୍ରଷ୍ଟା। ସଂସଦର ସଭାପତି ଡ. ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରି କହିଥିଲେ, ଗୋଦାବରୀଶଙ୍କ ସାହିତ୍ୟ ପ୍ରତ୍ୟେକ ବର୍ଗର ପାଠକଙ୍କ ମନକୁ ଛୁଇଁ ପାରିଥିଲା। ସେ ଥିଲେ ଜଣେ ମହାନ୍ ରାଷ୍ଟ୍ରନୀତିଜ୍ଞ। ଏହି ଅବସରରେ କବି ଫନୀ ମହାନ୍ତିଙ୍କୁ ଗୋଦାବରୀଶ ମିଶ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ପୁରସ୍କାର ଅର୍ଥରାଶି ଗୋଦାବରୀଶଙ୍କ ପୌତ୍ର ତଥା ସୁପ୍ରିମ୍‌କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଦୀପକ ମିଶ୍ର, ତାଙ୍କ ସହଧର୍ମିଣୀ ସୁପ୍ରମା ମିଶ୍ର, ଦୁଇ କନ୍ୟା କାଜଲ ମିଶ୍ର ଓ ଶୀତଲ ମିଶ୍ର ପ୍ରଦାନ କରିଛନ୍ତି। ସଞ୍ଜୀତ ପଟ୍ଟନାୟକ ସ୍ୱାଗତ ଭାଷଣ, ଜୟଲକ୍ଷ୍ମୀ ସେଠୀ ମାନପତ୍ର ପାଠ ଓ ନିର୍ମଳ ଚନ୍ଦ୍ର ପହି ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ପଥର ବୋଝେଇ ଟ୍ରାକ୍ଟର ଜବତ, ଚାଳକ ଗିରଫ

ବେଗୁନିଆ,୨୬ା୧୦(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ପୋଲିସ ଶନିବାର ବେଆଇନ ଭାବେ ଚାଲାଣ ହେଉଥିବା ପଥର ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ଏହାର ଚାଳକଙ୍କୁ ଗିରଫ କରିଛି। ସେ ହେଲେ ଜାମୁସାହି ଗ୍ରାମର ଟ୍ରାକ୍ଟର ଚାଳକ ମଧୁସୂଦନ ବାରିକ। ସୂଚନା ମୁତାବକ, ଏକ ଟ୍ରାକ୍ଟରରେ ବେଆଇନ ଭାବେ ପଥର ଚାଲଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ସହକାରୀ ନିରିକ୍ଷକ ମନୋଜ କୁମାର ଶତପଥୀଙ୍କ ସମେତ ପୋଲିସ କର୍ମଚାରୀମାନେ ଓଗାଳପୁର-ଗୋପୀନାଥପୁର ରାସ୍ତା ମଧ୍ୟରେ ଚଢ଼ାଉ କରି ପଥର ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଥିଲେ।

### ଆଉ ଜଣେ ଅଭିଯୁକ୍ତ ଗିରଫ

#### ରେଲ୍‌ୱେରେ ଚାକିରି କରାଇଦେବା ଆଳରେ ଠକେଇ ଘଟଣା

ଜଟଣୀ,୨୬ା୧୦(ରବୀନ୍ଦ୍ରନାଥ ମହାକୁଡ଼)

ରେଲ୍‌ୱେରେ ଚାକିରି କରାଇଦେବାକୁ କହି ଠକିଥିବା ଘଟଣାରେ ଶନିବାର ଜଟଣୀ ଥାନା ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ତମାଣ୍ଡୋ ଥାନା ଅନ୍ତର୍ଗତ ବିଜିପୁର ଅଞ୍ଚଳର କୃଷ୍ଣଚନ୍ଦ୍ର ଜେନା ଓରଫ ରାଜା (୩୬)। ଏହି ଘଟଣାରେ ପୂର୍ବରୁ ପୋଲିସ ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ତଳସାହିର ଈଶ୍ୱର ଚନ୍ଦ୍ର ମହନ୍ତ ଓରଫ ପ୍ରଶାନ୍ତଙ୍କୁ ଗିରଫ କରିଥିଲା। ସୂଚନା ମୁତାବକ, ଅଭିଯୁକ୍ତ ଈଶ୍ୱର ଏକ ଘରୋଇ ସ୍କୁଲରେ ମାର୍ଶଲ ଆର୍ଟ ଶିକ୍ଷକଭାବେ କାର୍ଯ୍ୟରତ। ଅଭିଯୋଗକାରୀ ଅଜିତ କୁମାର ମହନ୍ତ ଚାକିରି ଖୋଜୁଥିବା କଥା ସେ ତାଙ୍କ ସାଙ୍ଗଙ୍କ ଦ୍ୱାରା ଜାଣିବାକୁ ପାଇଥିଲେ। ପରେ ଅଜିତଙ୍କ ସଂସ୍ପର୍ଶରେ ଈଶ୍ୱର ଆସି ତାଙ୍କୁ ରେଲୱେରେ ଚାକିରି କରାଇଦେବା ନେଇ ଆଶ୍ୱାସନା ଦେଇଥିଲେ। ଏହା ପରେ ଈଶ୍ୱର ଏବଂ ଅଜିତ ଭୁବନେଶ୍ୱର ଆସି କୃଷ୍ଣଚନ୍ଦ୍ରଙ୍କୁ ଦେଖା କରିଥିଲେ। ଜଟଣୀ ସ୍ଥିତ ରେଲୱେର ଡିଆର୍‌ଏମ୍ ଅଫିସରେ ଚାକିରି କରାଇଦେବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଏଥିନିମନ୍ତେ ସାର୍ଟିଫିକେଟ ସହିତ ୬୦ହଜାର ଟଙ୍କା ଜମା କରିବା ପାଇଁ ଅଜିତଙ୍କୁ କହିଥିଲେ। ପରବର୍ତ୍ତୀ ସମୟରେ ଅଜିତ ଜଟଣୀ ସ୍ଥିତ ପୂର୍ବତଟ ରେଲୱେ ରେଳ ମଣ୍ଡଳ ପ୍ରବନ୍ଧକଙ୍କ ଅଫିସକୁ ଯାଇ ଦୁଇ ଅଭିଯୁକ୍ତଙ୍କୁ ସମସ୍ତ ସାର୍ଟିଫିକେଟ ସହିତ ୩୫ହଜାର ଟଙ୍କା ଦେଇଥିଲେ। ଏହାପରେ ଦୁଇ ଅଭିଯୁକ୍ତ ରେଲୱେର ଏକ ନକଲି ଇମେଲରୁ ଏକ ନିଯୁକ୍ତିପତ୍ର ଓ ଅଭିନନ୍ଦନ ମେସେଜ ଅଜିତଙ୍କ ନିକଟକୁ ପଠାଇଥିଲେ। ଉକ୍ତ ନିଯୁକ୍ତିପତ୍ର ଏବଂ ମେସେଜ ଜାଲ୍ ଜାଣିବା ପରେ ଅଜିତ ଜଟଣୀ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୪୩୨/୨୪) ରୁଜୁକରି ତଦନ୍ତ ଚଳାଇବାସହ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ ଚରଣଙ୍କ ପରଲୋକ

ବେଗୁନିଆ,୨୬ା୧୦
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅନନ୍ତ ଚରଣ ପ୍ରହରାଜଙ୍କ ଶନିବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ତାଙ୍କୁ ୮୮ବର୍ଷ ବୟସ ହୋଇଥିଲା। ସେ ଜଣେ ଛାତ୍ରବତ୍ସଳ, ମେଳାପୀ, କର୍ମନିଷ୍ଠ, ରାଜନୈତିକ ସଙ୍ଗଠକ ଏବଂ ନ୍ୟାୟବିତ୍ ଭାବେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର ମହାପାତ୍ର, ବରିଷ୍ଠ କମ୍ୟୁନିଷ୍ଟ ନେତା ବସନ୍ତ କୁମାର ପାଇକରାୟ, ପୂର୍ବତନ ସରପଞ୍ଚ ନବ କିଶୋର ସ୍ୱାଇଁ, ଶିକ୍ଷାବିତ୍ ଯୋଗେଶ୍ୱର ସୁନ୍ଦରାୟ, ଗୌର ଚରଣ ପ୍ରହରାଜ, ଭଗବାନ ପଣ୍ଡାଙ୍କ ସମେତ ବହୁ ଶିକ୍ଷାବିତ୍, ଛାତ୍ରୀଛାତ୍ରମାନେ ଶୋକପ୍ରକାଶ କରିଛନ୍ତି।

### ଧାନ, ପରିବା ଫସଲ ନଷ୍ଟ

କଳାପଥର,୨୬ା୧୦(ଗଙ୍ଗାଧର ସାହୁ)

ବାଙ୍କୀ ଉପଖଣ୍ଡରେ ବାତ୍ୟା 'ଦାନା'ର ପ୍ରଭାବରେ ବିଭିନ୍ନ ଅଞ୍ଚଳରେ ବ୍ୟାପକ ଧାନ ଏବଂ ପରିବା ଫସଲ ନଷ୍ଟ ହୋଇଛି। ପବନ ବହିବା ସହ ବର୍ଷା ହେବା ଫଳରେ ଧାନଗଛ ବିଲରେ ଶୋଇପଡି ନଷ୍ଟ ହୋଇଯାଇଛି । ବର୍ତ୍ତମାନ ଜମିରେ ଧାନ କେଣ୍ଡା ହେଉଥିବା ବେଳେ ଆଗାମୀ ୧୫ଦିନ ପରେ କିଛି ଧାନ କଟା ହୋଇ ଅମଳ ହୋଇଥାନ୍ତା। ମାତ୍ର ଫସଲ ନଷ୍ଟ ହୋଇଯିବାରୁ ଚାଷୀ ମୁଣ୍ଡରେ ଏବେ ଚଡ଼କ ପଡ଼ିଛି।

# ବାଣ ଜବତ: ୨ ଗିରଫ, ୩ ଅଟକ

ଖୋର୍ଦ୍ଧା/ଜଟଣୀ/ବୋଲଗଡ଼, ୨୬ା୧୦
(ପ୍ରଭାତ ପାଣିଗ୍ରାହୀ/ ରବୀନ୍ଦ୍ରନାଥ ମହାକୁଡ଼/ ଦେବବ୍ରତ ହୋତା)



ଆଉ ଦିନ କେଇଟା ପରେ ଆଲୋକର ପର୍ବ ଦୀପାବଳି। ଏନେଇ ଗାଁଠୁ ସହର ସବୁଠି ରହିଛି ଉତ୍ସାହ। ବେଆଇନଭାବେ ବାଣ ତିଆରି ଏବଂ ବିକ୍ରି ଉପରେ ପ୍ରଶାସନ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଛି। ତେବେ କଟକଣାକୁ ନ ମାନି କେତେଜଣ ଅସାଧୁ ବ୍ୟବସାୟୀ ବେପାର ଚଳାଇଛନ୍ତି। ଜଟଣୀ ଥାନା ପୋଲିସ ସ୍ଥାନୀୟ ସୀତାରାମ ଛକ ଚର୍ଚ୍ଚ ପଡିଆଠାରେ ଚଢ଼ାଉ କରି ବେଆଇନଭାବେ ବାଣ ବ୍ୟବସାୟ କରୁଥିବା ଦୁଇ ବ୍ୟବସାୟୀଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ବାଲିଛକ ସାହିର ଦୁର୍ଯ୍ୟୋଧନ ସାହୁ(୪୮) ଏବଂ ନିରଞ୍ଜନପୁର ଭୋଇସାହିର ସନ୍ତୋଷ ଗୁରୁ (୨୪)। ଏମାନଙ୍କ ନିକଟରୁ ବିପୁଳ ପରିମାଣର ବାଣ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୪୩୮/୨୪) ରୁଜୁ ହୋଇଥିବା ପୋଲିସ କହିଛି। ସେହିପରି ବୋଲଗଡ଼ ଥାନା ନିରୀକ୍ଷକା ସ୍ନିଗ୍ଧାମୟୀ ବରାଳ ରାଜସୁନାଖଳା କାଉଁରୀ ପାଟଣା ସାହିସ୍ଥିତ ଏକ ଗୋଦାମ ଘରେ ଚଢ଼ାଉ କରି ବେଆଇନ ଭାବେ ଗଚ୍ଛିତ ଥିବା ପ୍ରାୟ ୪୦ ପ୍ରକାର ବାଣ ଜବତ କରିଛନ୍ତି। ଏହି ବାଣଗୁଡ଼ିକୁ ଦୁଇଟି ୪୦୭ରେ ବୋଝେଇ କରି ଥାନାରେ ରଖାଯାଇଛି। ବୋଲଗଡ଼ ଥାନା ଏବଂ ବାଙ୍କୋଇ ଫାଣ୍ଡିର ମିଳିତ ଚଢ଼ାଉରେ ଏସ୍‌ଆଇ ଲିଲି ପାତ୍ରୀ, ଏସ୍‌ଆଇ ପ୍ରସନ ଦଳାଇ, ବାଙ୍କୋଇ ଫାଣ୍ଡି ଅଧିକାରୀ ଦିଲୀପ କୁମାର ସାହୁ, ଏଏସ୍‌ଆଇ ତୁଷାରକାନ୍ତ ନାୟକ ଓ ଅନ୍ୟାନ୍ୟ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ। ଏ ସମ୍ପର୍କରେ ପୋଲିସ ଦୁଇଟି ମାମଲା (୨୫୮, ୨୫୯ /୨୪) ରୁଜୁକରି ଦୁଇ ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ସେହିପରି ବାଘମାରୀ ପୋଲିସ ପଙ୍ଗରାସିଂହ ଗ୍ରାମରେ ଏକ ବେଆଇନ ବାଣ ଗୋଦାମରେ ଚଢ଼ାଉ କରି ବିପୁଳ ପରିମାଣର ବାଣ ଜବତ କରିଛି। ଏନେଇ ପୋଲିସ ଜଣକୁ ଅଟକ ରଖି ପଚରାଉଚରା ଚଳାଇଛି। ପ୍ରକାଶ ଯେ, ଗତ ୮ ତାରିଖରେ ବାଘମାରୀ ପୋଲିସ ଲେଖନପୁର ଗ୍ରାମ ନିକଟ ଏକ ଘରେ ଚଢ଼ାଉ କରି ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ କରିଥିଲା।

# ଜୀବନଚର୍ଯ୍ୟାରେ ପରିବର୍ତ୍ତନ ଆଣେ ଭାଗବତ ଶ୍ରବଣ



ବୋଲଗଡ଼,୨୬ା୧୦(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ମାଣିକାଗୋଡ଼ାର ଗୋବିନ୍ଦଜୀଉ ବଡ଼ମଠଠାରେ ଚାଲିଥିବା ଭାଗବତ ସପ୍ତାହ ଓ ପ୍ରବଚନ ମହାଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। କାର୍ତ୍ତିକ କୃଷ୍ଣପକ୍ଷ ଦ୍ୱିତୀୟା ଠାରୁ ମଙ୍ଗଳାରୋପଣ ଓ ଘଟ ସ୍ଥାପନ କରି ବାବାଜୀ ମନୋହର ଦାସ ମହାରାଜ ଓ ବାବାଜୀ ଛନ୍ଦାଚରଣ ଦାସ ମହାରାଜ ପ୍ରତିଦିନ ସନ୍ଧ୍ୟା ୭ରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ପ୍ରବଚନ ପ୍ରଦାନ କରିଥିଲେ। ବ୍ୟାସଭାବେ ଦାମୋଦର ଦାସ ମହାରାଜ ଦାୟିତ୍ୱ ତୁଲାଇଥିଲେ। ଭାଜପା ଜିଲା ସମ୍ପାଦକ ଇଂ. କର୍ପୁର ସାହୁ, ଦିବ୍ୟଜୀବନ ସଂଘର ସମ୍ପାଦକ ଫକୀର ମୋହନ ସୁବୁଦ୍ଧି, କୋଷାଧ୍ୟକ୍ଷ କୁବେର ସାହୁ, ବ୍ରହ୍ମଚାରୀ ଲକ୍ଷ୍ମୀଧର ମହାପାତ୍ର, ଶିକ୍ଷକ ଶରତ ଚନ୍ଦ୍ର ସାହୁ, ଶିକ୍ଷା ଅଧିକାରୀ ଶିଶିର କୁମାର ସାହୁ, ଷ୍ଟେଟବ୍ୟାଙ୍କ ଅଧିକାରୀ ଅଜୟ ବେହେରା, ପ୍ରତାପ ପଟ୍ଟନାୟକ, ସନ୍ତୋଷ କୁମାର ଦଳାଇ, ନନ୍ଦକିଶୋର ସାହୁ, ଅବାସୀ ରାଉତ, ନୀଳକଣ୍ଠ ପ୍ରଧାନ, ଭିକାରୀ ପୃଷ୍ଟି, ପୀତବାସ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଦିବ୍ୟଜୀବନ ସଂଘ ସଭାପତି ରାଧାଚରଣ ପୃଷ୍ଟି ଭାଗବତ ଶ୍ରବଣ ଦ୍ୱାରା ଲୋକଙ୍କ ଜୀବନଚର୍ଯ୍ୟାରେ ପରିବର୍ତ୍ତନ ଘଟୁଛି ବୋଲି ମତବ୍ୟକ୍ତ କରିବା ସହ ଧନ୍ୟବାଦ ଦେଇଥିଲେ। ଶେଷରେ ଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଥିଲା।

# ମଣ୍ଡଳସ୍ତରୀୟ ଅନ୍ତର୍ଜାତୀୟ ବାଳିକା ଦିବସ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ଏବଂ ଅନ୍ୟମାନେ।

ବୋଲଗଡ଼,୨୬ା୧୦(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ସମଗ୍ର ଶିକ୍ଷା ପ୍ରକଳ୍ପ ଆନୁକୂଲ୍ୟରେ ତଥା ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଶନିବାର ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ୧୨୫ଟି ବିଦ୍ୟାଳୟରୁ ୮୦ଜଣ ବାଳିକା ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୪ର୍ଥରୁ ୭ମ ଜୁନିୟର ଏବଂ ୮ମରୁ ୧୦ମ ସିନିୟର ବିଭାଗରେ ବାଳିକାମାନେ ତର୍କ, ରଚନା, ଚିତ୍ରାଙ୍କନ, ସଙ୍ଗୀତ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଚାରପତିଭାବେ ପ୍ରଫୁଲ୍ଲ ମହାନ୍ତି, ପ୍ରସନ୍ନ ମହଲା, କିଶୋର ଦାସ ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ,ସହଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ନାଥ ସ୍ୱାଇଁ ଓ ଅମିତା ମିଶ୍ର, ଇଓ କେ.ଭି ଲକ୍ଷ୍ମୀ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପୀତବାସ ଲେଙ୍କା ପ୍ରମୁଖ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ, ବାଳିକାଟିଏ ପ୍ରଥମେ ନିଜ ପରିବାରରେ ପୁଅଝିଅ ତାରତମ୍ୟର ଶିକାର ହୋଇଥାଏ, ଫଳରେ ଏହା ତାର ଭବିଷ୍ୟତ ଗଢିବାରେ ଅନ୍ତରାୟ ସୃଷ୍ଟି କରିଥାଏ। ତେଣୁ ପିତାମାତାଙ୍କୁ ଏଥିନେଇ ନିଜ ମାନସିକତାରେ ପରିବର୍ତ୍ତନ ଆଣିବା ଆବଶ୍ୟକ ବୋଲି କହିଥିଲେ। ସମସ୍ତ ସିଆରସିସି ପରିଚାଳନାରେ ସହଯୋଗ କରିଥିବା ବେଳେ ବିଭୁପ୍ରସାଦ ରଥ ଧନ୍ୟବାଦ ଦେଇଥିଲେ। ଏଥିରେ ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ।

### ଗୁରୁତର ରୋଗୀଙ୍କୁ ୪ ୟୁନିଟ୍ ରକ୍ତ ପ୍ରଦାନ

କଳାପଥର,୨୬ା୧୦(ଗଙ୍ଗାଧର ସାହୁ)

ବାତ୍ୟା ଦାନା ସମୟରେ ଡମପଡ଼ା ବ୍ଲକ ଗୋପାଳପୁରର ଗୌରାଙ୍ଗ ଚରଣ ସ୍ୱାଇଁ ଅସୁସ୍ଥ ହୋଇ ଗୁରୁତର ହୋଇପଡ଼ିଥିଲେ। ଏବେ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଜରୁରିକାଳୀନ ଅବସ୍ଥାରେ ତାଙ୍କ ପାଇଁ ରକ୍ତ ଦରକାର ପଡିବାରୁ ମା' ଚର୍ଚ୍ଚିକା ରକ୍ତଦାତା ସଂଘ ପକ୍ଷରୁ ୩ୟୁନିଟ ରକ୍ତ ପ୍ରଦାନ କରାଯାଇଛି । ସେହିପରି ଡମପଡ଼ା ବ୍ଲକ ଡଁସର ଗ୍ରାମର ସୁଧାକର ମୁଦୁଲି ଗୁରୁତର ଅସୁସ୍ଥ ହୋଇ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି । ତାଙ୍କର ରକ୍ତ ଦରକାର ପଡ଼ିବାରୁ ଏହି ରକ୍ତଦାତା ସଂଘ ପକ୍ଷରୁ ୧ୟୁନିଟ ରକ୍ତ ପ୍ରଦାନ କରାଯାଇଛି । ରକ୍ତଦାତା ସଂଘର ସଭ୍ୟ ଦିଲୀପ କୁମାର ପ୍ରଧାନ, ସତ୍ୟବ୍ରତ ପ୍ରଧାନ, ପ୍ରିୟରଞ୍ଜନ ସାମଲ, ସଞ୍ଜୟ କୁମାର ଡାଲୁଆ ଏହି ରକ୍ତ ପ୍ରଦାନ କରିଥିଲେ । ବାଙ୍କୀ ରକ୍ତଦାତା ସଂଘର ସଭାପତି ଦେବସ୍ମିତା ରାଉତ, ଉପସଭାପତି ଅନିଲ କୁମାର ସ୍ୱାଇଁ, ସମ୍ପାଦକ ରାମଚନ୍ଦ୍ର ସ୍ୱାଇଁ, କୋଷାଧ୍ୟକ୍ଷ ବେଣୁଧର ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଭାଜପାର ମଣ୍ଡଳସ୍ତରୀୟ ସଦସ୍ୟତା ଅଭିଯାନ



କାର୍ଯ୍ୟକ୍ରମରେ ଭାଜପା କର୍ମକର୍ତ୍ତା ଏବଂ ନୂତନ ସଦସ୍ୟ।

କୃଷ୍ଣପ୍ରସାଦ,୨୬ା୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ମଣ୍ଡଳ ସଭାପତି ଦୀନବନ୍ଧୁ ଜେନାଙ୍କ ଅଧ୍ୟକ୍ଷତାରେ ସଦସ୍ୟତା ଅଭିଯାନ ଜାରି ରହିଛି। ଶନିବାର ମାଲୁଦ ପଞ୍ଚାୟତର ମା' ହାତିଆଗୁଣୀଙ୍କ ପୀଠରେ ଭାଜପା ପ୍ରଭାରୀ ଉତ୍ତମ କୁମାର ତରେଇ, ମିଡିଆସେଲ ମୁଖ୍ୟ ସଂଗ୍ରାମ କେଶରୀ ଜେନା, ଯୁବନେତା ପ୍ରଦୀପ କୁମାର ଜେନା, ପ୍ରିୟବ୍ରତ ସିଂହସାମନ୍ତଙ୍କ ପୌରୋହିତ୍ୟରେ ସଦସ୍ୟତା ଅଭିଯାନ ଆରମ୍ଭ ହୋଇଥିଲା। ଅନେକ ଯୁବକ, ମହିଳା, ଛାତ୍ରୀଛାତ୍ର ସ୍ୱଇଚ୍ଛାରେ ସଦସ୍ୟତା ଗ୍ରହଣ କରିଥିଲେ। ଯୁବ ସଙ୍ଗଠକ ସଞ୍ଜୟ କୁମାର ସେଠୀ ନୂତନ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହିତ ଭବିଷ୍ୟତ ରାଷ୍ଟ୍ର ଗଠନରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କୃଷ୍ଣପ୍ରସାଦ ବ୍ଲକର ବହୁ ଭାଜପା କର୍ମୀଙ୍କ ନେତୃତ୍ୱରେ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭାଜପା ନେତାମାନେ ନୂତନ ସଦସ୍ୟଙ୍କୁ ସ୍ୱାଗତ କରିବା ସହିତ ଭାଜପାର ବିଚାର, ଆଦର୍ଶ, ସଙ୍କଳ୍ପ ଓ ଲକ୍ଷ୍ୟ ଉପରେ ମାର୍ଗଦର୍ଶନ ଦେଇଥିଲେ।

# ପରମାଣୁ ଶକ୍ତି ବିଭାଗର କନ୍‌କ୍ଲେଭ ଉଦ୍‌ଯାପିତ

ଜଟଣୀ,୨୬ା୧୦(ରବୀନ୍ଦ୍ରନାଥ ମହାକୁଡ଼)



ପରମାଣୁ ଶକ୍ତି ବିଭାଗର କନ୍‌କ୍ଲେଭ ଉଦ୍‌ଯାପନୀ ଦିବସରେ ଅତିଥି ଏବଂ ଅନ୍ୟମାନେ।

ଜଟଣୀସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ(ନାଇଜର)ର ପଠାଣି ସାମନ୍ତ ପ୍ରେକ୍ଷାଳୟରେ ଅନୁଷ୍ଠିତ ପରମାଣୁ ଶକ୍ତି ବିଭାଗ (ଡିଏଇ) ର ପ୍ରଥମ କନ୍‌କ୍ଲେଭ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପାଞ୍ଚଦିନ ଧରି ଚାଲିଥିବା ଏହି କନ୍‌କ୍ଲେଭର ଉଦ୍‌ଯାପନୀ ସଭାରେ ନାଇଜର ନିର୍ଦ୍ଦେଶକ ପ୍ରଫେସର ହିରେନ୍ଦ୍ର ନାଥ ଘୋଷ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଭାରତ ସରକାରଙ୍କ ପୂର୍ବତନ ପ୍ରମୁଖ ବିଜ୍ଞାନ ପରାମର୍ଶଦାତା ଡ. ରାଜଗୋପାଳ ଚିଦାମ୍ବରମ୍ ଯୋଗଦେଇ କହିଥିଲେ, ବିଦେଶକୁ ଉଚ୍ଚଶିକ୍ଷା ପାଇଁ ଯାଉଥିବା ଛାତ୍ରୀଛାତ୍ର ତଥା ଗବେଷକମାନେ ଉଚ୍ଚଶିକ୍ଷା ଏବଂ ଗବେଷଣା ଶେଷକରି ଭାରତମୁହାଁ ହୁଅନ୍ତୁ। ସେମାନଙ୍କ ଜ୍ଞାନ କୌଶଳକୁ ଦେଶର ଉନ୍ନତିରେ ବିନିଯୋଗ କରନ୍ତୁ। ଫଳରେ ଅନ୍ତର୍ଜାତୀୟ ସ୍ତରରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ନିପୁଣତା ପ୍ରଦର୍ଶନ କରିପାରିବା। ସମ୍ମାନିତ ଅତିଥିଭାବେ କୋଲକାତାର ଏସ୍‌ଆଇଏନ୍‌ପି ର ନିର୍ଦ୍ଦେଶକ ପ୍ରଫେସର ଗୌତମ ଭଟ୍ଟାଚାର୍ଯ୍ୟା ଯୋଗଦେଇ କହିଥିଲେ, ଏହି କନ୍‌କ୍ଲେଭ ଡିଏଇ ପରିବାରର ଏକତା ପ୍ରଦର୍ଶନରେ ସଫଳ ହୋଇଛି ଏବଂ ଆଗକୁ ଏହା ଗବେଷଣାକୁ ଶାଣିତ କରିବ। ଅନ୍ୟତମ ସମ୍ମାନିତ ଅତିଥିଭାବେ ଟିଏଫ୍‌ଆଇଆର୍ ମୁମ୍ବାଇର ବୈଜ୍ଞାନିକ ପ୍ରଫେସର କାଲୋବରନ ମାଇତି ଯୋଗଦେଇ ବିଜ୍ଞାନର ବିଭିନ୍ନ ଦିଗ ଯଥା କ୍ୟାନ୍ସର ରିସର୍ଚ୍ଚ, ନାନୋସାଇନ୍ସ, ପରମାଣୁ ଶକ୍ତି, ଭାରିଜଳର ବ୍ୟବହାର ଆଲୋଚନା ହୋଇଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ। ମୁମ୍ବାଇର ସିଇବିଏସ୍ ନିର୍ଦ୍ଦେଶିକା ଡ. ଜାସିଣ୍ଟା ଡି ସୌଜା, ଇନ୍ଦୋର ଆର୍‌ଆରକାଟ ର ବୈଜ୍ଞାନିକ ତାପସ ଗାଙ୍ଗୁଲି, ଭିଇସିସି କୋଲକାତାର ଦୀପକ ପାଣ୍ଡେ ପ୍ରମୁଖ କାର୍ଯ୍ୟକ୍ରମକୁ ନେଇ ସନ୍ତୋଷ ବ୍ୟକ୍ତି କରିଥିଲେ। ଏହି କନକ୍ଲେଭରେ ଡିଏଇର ୨୫୦ ରୁ ଊର୍ଦ୍ଧ୍ୱ ଗବେଷକ ଏବଂ ବୈଜ୍ଞାନିକ ଭାଗନେଇଥିଲେ ବୋଲି ନାଇଜର ରେଜିଷ୍ଟ୍ରାର ଡ. ଅଭୟ ନାୟକ କହିଛନ୍ତି। ଏହି ସଭାରେ ସଂଯୋଜକ ପ୍ରଫେସର ପାଲୋକ ଆଇଚି ସ୍ୱାଗତ ଭାଷଣ, ପ୍ରଫେସର ବେଦାଙ୍ଗଦାସ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଧାଡ଼ିବୁଣା ଧାନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ବେଗୁନିଆ,୨୬ା୧୦(ସନ୍ଧ୍ୟାରାଣୀ ମିଶ୍ର)



ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମରେ ଅନ୍ତଃରାଷ୍ଟ୍ରୀୟ ଧାନ ଗବେଷଣା କେନ୍ଦ୍ର ପକ୍ଷରୁ ଧାଡ଼ିବୁଣା ଧାନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଡାଇରେକ୍ଟର ଡ.ଅଶୋକ କୁମାର ଯାଦବ, ପୁପିନ୍ଦର ସିଂହ, ସରୋଜ କୁମାର ନାୟକ, ନାରାୟଣ ବଳିୟାରସିଂହ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଚାଷୀମାନେ ମେଶିନ ବ୍ୟବହାର କରି ଧାଡ଼ିରେ ଧାନ ବୁଣିଲେ କମ୍ ବିହନ, ସାର, ସ୍ୱଳ୍ପଜଳର ବ୍ୟବହାର, ଘାସ ମାରିବା ସହଜ ହେବା ସହ କମ୍‌ଖର୍ଚ୍ଚରେ କିପରି ଅଧିକ ଅମଳ ହୋଇପାରିବ ସେ ନେଇ ଉପସ୍ଥିତ ଚାଷୀଙ୍କୁ ଅତିଥିମାନେ ଅବଗତ କରାଇଥିଲେ। ଶେଷରେ ମହିଳା ଚାଷୀ ରାଜଶ୍ରୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ସାଢ଼େ ୭ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ନିରାକାରପୁର,୨୬ା୧୦(ମାନସ ଚନ୍ଦ୍ର ପଟ୍ଟନାୟକ)



ନିରାକାରପୁର ଥାନା ପୋଲିସ ଶନିବାର ସାଢ଼େ ୭କେଜି ଗଞ୍ଜେଇ ଜବତ କରିବା ସହ ଜଣେ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ବାଲୁଗାଁ ଥାନା ଅଧୀନ ପାଟଣାଡ଼ିହି ଗ୍ରାମର କୁନା ଓରଫ କୁନା ପ୍ରଧାନ ଓରଫ ବସନ୍ତ ରଥ। ଏନେଇ ଥାନାରେ ଏକ ମାମଲା (ନଂ.୨୭୬/୨୪)ରୁଜୁ ପରେ କୁନାଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ପୋଲିସ କହିଛି। ସୂଚନା ମୁତାବକ, ନିରାକାରପୁର ପଞ୍ଚାୟତ ରାଉଳହଜ (ଚିତ୍ରକୂଟ)ପାହାଡ଼ ତଳେ ବାସ କରୁଥିବା ଜଣେ ବ୍ୟକ୍ତିଙ୍କ ଘରେ କୁନା ରହି ଗଞ୍ଜେଇ ବେପାର କରୁଥିଲେ। ତେଣୁ କୁନାଙ୍କୁ ଧରିବା ଥାନା ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ଏହି ଟିମ୍ କୁନା ରହୁଥିବା ଘରେ ଚଢ଼ାଉ କରି ସାଢେ ୭ କେଜି ଗଞ୍ଜେଇ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪୦ହଜାର ଟଙ୍କା ହେବ। ଏହି ଗଞ୍ଜେଇ ଖଲ୍ଲିକୋଟ ଓ ଗଞ୍ଜାମରୁ ଆସି ଏଠାରେ ରଖାଯାଉଥିଲା। ପରେ ସୁବିଧା ଦେଖି ଗଞ୍ଜେଇକୁ ବିଭିନ୍ନ ଟ୍ରେନରେ ମହାରାଷ୍ଟ୍ର ଏବଂ ମୁମ୍ବାଇକୁ ଚାଲାଣ କରାଯାଉଥିଲା ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏହି କାରବାରରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ଅଛି, ସେ ନେଇ ତଦନ୍ତ ଚାଲିଛି ବୋଲି ପୋଲିସ ସୂଚନା ଦେଇଛି।

# ଥମୁନି ବ୍ରାଉନ୍‌ସୁଗାର କାରବାର

ଖୋର୍ଦ୍ଧା,୨୬ା୧୦(ପ୍ରଭାତ ପାଣିଗ୍ରାହୀ)

- ନିଶା ବଳୟରେ ଯୁବପିଢ଼ି
- ମାଷ୍ଟରମାଇଣ୍ଡଙ୍କ ନିକଟରେ ପହଞ୍ଚିପାରୁନି ପୋଲିସ



ଖୋର୍ଦ୍ଧାରେ ଦିନକୁ ଦିନ ବ୍ରାଉନ୍‌ସୁଗାର କାରବାର ବଢ଼ିଚାଲିଛି। କୋଲକାତା, ବାଲେଶ୍ୱର, ଜଳେଶ୍ୱର ଆଦି ଅଞ୍ଚଳରୁ ବିଭିନ୍ନ ଗଳାବାଟ ଦେଇ ଏଠାକୁ ବ୍ରାଉନ୍‌ସୁଗାର ଆସୁଛି। ଏଠାରୁ ଗ୍ରାମାଞ୍ଚଳ ସମେତ ପଡ଼ୋଶୀ ଜିଲାକୁ ପଠାଯାଉଛି। ସ୍ୱଳ୍ପ ସମୟରେ ଅଧିକ ଟଙ୍କା ରୋଜଗାର ଆଶାରେ ଯୁବପିଢ଼ି ଏହାକୁ ପେଶାଭାବେ ଗ୍ରହଣ କରିନେଇଛନ୍ତି। ମହିଳାମାନେ ମଧ୍ୟ ଏଥିରେ ସାମିଲ ହୋଇ ବେପାର ଚଳାଇଥିବା ନଜିର ରହିଛି। ଅନ୍ୟପଟେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍, ଅବକାରୀ, ଅବକାରୀ ଗୁଇନ୍ଦା, ଫ୍ଲାଇଙ୍ଗ ସ୍କ୍ୱାଡ୍ ଏବଂ ପୋଲିସ ପକ୍ଷରୁ ଚଢ଼ାଉ ଜାରି ରହିଥିଲେ ମଧ୍ୟ ଏହି କାରବାର ଥମିବା ପରିବର୍ତ୍ତେ ବଢ଼ିଚାଲିଛି। ତେବେ ଏହି କାରବାରର ମାଷ୍ଟରମାଇଣ୍ଡଙ୍କୁ ପୋଲିସ ନ ଧରିବା ପର୍ଯ୍ୟନ୍ତ ଖୋର୍ଦ୍ଧା ସହର ନିଶା କବଳରୁ ମୁକ୍ତ ହୋଇପାରିବ ନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସହରର ଗୁରୁଜଙ୍ଗ, ସାମନ୍ତରାପୁର, ଠେଙ୍ଗାହାଟ, ଜେମାଦେଇ, ବରୁଣେଇ ଶିଳ୍ପାଞ୍ଚଳ ଆଦି ଅଞ୍ଚଳ ବ୍ରାଉନ୍‌ସୁଗାର କାରବାରର ହବ୍ ସେଣ୍ଟର ପାଲଟିଛି। ନିୟମିତ ବ୍ୟବଧାନରେ ଏଠାରୁ ବ୍ରାଉନ୍‌ସୁଗାର ଜବତ କରାଯାଉଛି। ଗତ ଦୁଇ ବର୍ଷ ମଧ୍ୟରେ ୪କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାର ଜବତ ହୋଇଛି। ପୋଲିସ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ, ଫଳରେ ନିଶା ବେପାରୀମାନେ ନିଜ ସାମ୍ରାଜ୍ୟ ବୃଦ୍ଧି କରିବାରେ ଲାଗିଛନ୍ତି। ପାନ ଦୋକାନ, ମୋବାଇଲ ଦୋକାନ, ଗ୍ରସେରି, ପରିବା ଦୋକାନ ଆଳରେ ନିଶା କାରବାର ଚାଲିଛି। ଗୋଟିଏପଟେ ନିଶା ଯୋଗୁ ଯୁବସମାଜ ବିପଦଗାମୀ ହେଉଥିବା ବେଳେ ମାଫିଆ ଓ ନିଶା ବେପାରୀମାନେ ମାଲାମାଲ ହୋଇ ବିଳାସପୂର୍ଣ୍ଣ ଜୀବନଯାପନ କରୁଛନ୍ତି। ଗତବର୍ଷ ଗୁରୁଜଙ୍ଗ ସ୍ଥିତ ଦୁଇ ଜଣ ଡ୍ରଗ୍ସ ମାଫିଆଙ୍କ ବେଆଇନ ଭାବେ ସରକାରୀ ଜାଗାରେ ତୋଳିଥିବା ଘରକୁ ପ୍ରଶାସନକୁ ଭଙ୍ଗାଯାଇଥିଲା। ୨୦୨୨ରେ ସାମନ୍ତରାପୁର ଜଣେ ନିଶା ବେପାରୀଙ୍କ ପ୍ରାୟ ୧.୫କୋଟିର ବେଆଇନ ଭାବେ ଗଚ୍ଛିତ କରିଥିବା ସମ୍ପତ୍ତିକୁ ସିଲ୍ କରିଥିଲେ। ତେବେ ଏନେଇ ମାଫିଆଙ୍କ ମହଲରେ ଛନକା ପସିଥିଲା। ପୋଲିସ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପ ପରଠାରୁ ସେଭଳି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଅନ୍ୟପଟେ ପୋଲିସ ଛୋଟ ବେପାରୀମାନଙ୍କୁ ଗିରଫ କରୁଥିବା ବେଳେ ମାଷ୍ଟରମାଇଣ୍ଡଙ୍କ ନିକଟରେ ପହଞ୍ଚି ପାରୁନି। ତେବେ ଏ ସମ୍ପର୍କରେ ଏସ୍‌ପି ସାଗରିକା ନାଥ କହିଛନ୍ତି, ଖୋର୍ଦ୍ଧା ଜିଲାକୁ ନିଶା ମୁକ୍ତ ଲାଗି ଅଭିଯାନ ଆରମ୍ଭ ହୋଇଛି। ଜିଲାରେ ଆଣ୍ଟି ନାର୍କୋଟିକ୍ସ ସ୍କ୍ୱାଡ୍ ଗଠନ କରାଯାଇଛି। ଏନେଇ ଏକ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି। ଯେ କେହି ବି ଏ ସଂକ୍ରାନ୍ତରେ ସୂଚନା ଦେଇପାରିବେ, ସେମାନଙ୍କ ନାମ ଗୁପ୍ତ ରଖାଯିବ। ନିଶା କାରବାରକୁ ପ୍ରଶ୍ରୟ ଦିଆଯିବ ନାହିଁ। ଧରାପଡ଼ିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଅଦିନିଆ ରଥଯାତ୍ରାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ

ପୁରୀ,୨୬।୧୦(ଅଜିତ୍ କୁମାର ମହାନ୍ତି)

ଇସ୍କନ ପକ୍ଷରୁ ପୁଣି ଥରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ପ୍ରତି ଅପମାନିତ କରାଯାଇଛି। ଶ୍ରୀମନ୍ଦିର ପରମ୍ପରା ଓ ସଂସ୍କୃତିକୁ ଅବମାନନା କରି ଇସ୍କନ ଅଦିନିଆ ରଥଯାତ୍ରା ଆୟୋଜନ କରିବାକୁ ଯାଉଛି। ଏହି ଘଟଣା ପ୍ରଥମ ଥର ପାଇଁ ନଜରକୁ ଆସିନାହିଁ, ପୂର୍ବରୁ ମଧ୍ୟ ଅନେକ ଥର ଇସ୍କନ ପକ୍ଷରୁ ଅଦିନିଆ ଘୋଷଯାତ୍ରା ଆୟୋଜନ କରାଯିବାକୁ ନେଇ ବିରୋଧ କରାଯାଇଥିଲା। ପରେ ଇସ୍କନ ମଧ୍ୟ ଅଦିନିଆ ରଥଯାତ୍ରା କରିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲା। କିଛିବର୍ଷ ବ୍ୟବଧାନ ପରେ ପୁଣି ବିଭିନ୍ନ ସ୍ଥାନରେ ଅଦିନିଆ ରଥଯାତ୍ରା ଆୟୋଜନ ହେଉଥିବା ନେଇ ଜଣାପଡ଼ିଛି। ଅତୀତରେ ଗଜପତି ମହାରାଜା ମଧ୍ୟ ଅଦିନିଆ ରଥଯାତ୍ରା ଆୟୋଜନକୁ ନାପସନ୍ଦ କରିଥିଲେ। ତିଥି ଅନୁଯାୟୀ ରଥଯାତ୍ରା ହେବା ଆବଶ୍ୟକ। କେବଳ ରଥଯାତ୍ରା ଠାରୁ ବାହୁଡ଼ା ଯାତ୍ରା ମଧ୍ୟରେ ଯେକୌଣସି ଅନୁଷ୍ଠାନ ବିଦେଶରେ ରଥଯାତ୍ରା ଆୟୋଜନ କରିପାରିବେ ବୋଲି ପୂର୍ବରୁ ଗଜପତି ମହାରାଜା ମତ ରଖି ସାରିଛନ୍ତି। ଅଦିନିଆ ରଥଯାତ୍ରା ମହାପ୍ରଭୁଙ୍କ ପରମ୍ପରାକୁ କୁଠାରାଘାତ ବୋଲି ଗଜପତି ମହାରାଜା ଦିବ୍ୟସିଂହ ଦେବ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି।

ସୂଚନାଯୋଗ୍ୟ, ଆମେରିକାର ହ୍ୟୁଷ୍ଟନ୍ ସହରରେ ଇସ୍କନ ନଭେମ୍ବର ୯ରେ ରଥଯାତ୍ରା ଆୟୋଜନ କରିବାକୁ ଯାଉଛି। ସେହିଭଳି ରଥଯାତ୍ରା ପୂର୍ବରୁ ନଭେମ୍ବର ୩ରେ ମଧ୍ୟ ମହାପ୍ରଭୁଙ୍କର ସ୍ନାନଯାତ୍ରା ଅନୁଷ୍ଠିତ ହେବ। ଏନେଇ ସୋସିଆଲ ମିଡିଆରେ ଇସ୍କନ ପକ୍ଷରୁ ସୂଚନା ଦିଆଯାଇଛି। ଏପରି ଘଟଣା ସୋସିଆଲ ମିଡିଆ ସହ ଲୋକଲୋଚନକୁ ଆସିବା ପରେ ଜଗନ୍ନାଥପ୍ରେମୀ ଏବଂ ସେବାୟତଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଇସ୍କନ ଜଗନ୍ନାଥ ସଂସ୍କୃତିକୁ ପ୍ରଚାର ପ୍ରସାର ଆଳରେ ବ୍ୟବସାୟିକ ମନୋବୃତ୍ତି ନେଇ ଅଦିନିଆ ରଥଯାତ୍ରା ଆୟୋଜନ କରିବା ଠିକ୍ ନୁହେଁ। ତୁରନ୍ତ ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବା ଉଚିତ ବୋଲି ସେବାୟତ ଓ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରି କହିଛନ୍ତି।

ଏନେଇ ପାଞ୍ଜିକାର ତଥା ଜଗନ୍ନାଥପ୍ରେମୀ ହରିଶଙ୍କର ମିଶ୍ର କହିଛନ୍ତି, ଇସ୍କନ ଯେଉଁ ଅଦିନିଆ ରଥଯାତ୍ରା କରୁଛି, ତାହାକୁ ଯେତେ ନିନ୍ଦାକଲେ ମଧ୍ୟ କମ୍ ପଡ଼ିବ। ବାରମ୍ବାର ବିରୋଧ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଭାରତ ସରକାର ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରନ୍ତୁ। ଏହାର ପଛରେ ଯାହାର ପ୍ରୋତ୍ସାହନ ରହିଛି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ମିଶ୍ର ଦାବି କରିଛନ୍ତି।

ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ନରେଶ ଚନ୍ଦ୍ର ଦାଶ ମତବ୍ୟକ୍ତ କରି କହିଛନ୍ତି, ଇସ୍କନ ପକ୍ଷରୁ ଆମେରିକାରେ ଅଦିନିଆ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏହା ଦୁର୍ଭାଗ୍ୟଜନକ। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱବିଦିତ ଠାକୁର। ତେଣୁ ପରମ୍ପରା ଅନୁଯାୟୀ ସାରା ବିଶ୍ୱରେ ଗୋଟିଏ ଦିନରେ ମହାପ୍ରଭୁଙ୍କ ରଥଯାତ୍ରା ହେବା ଆବଶ୍ୟକ। ଇସ୍କନ କ'ଣ ପାଇଁ ପରମ୍ପରାକୁ ଅବମାନନା କରୁଛି ତାହ ଜଣାପଡୁନାହିଁ। ତେଣୁ ସମସ୍ତେ ପରମ୍ପରାକୁ ମାନିବା ଉଚିତ ବୋଲି ଗବେଷକ ଦାଶ କହିଛନ୍ତି।

ଶ୍ରୀମନ୍ଦିର ବରିଷ୍ଠ ସେବାୟତ ଗୌରହରି ପ୍ରଧାନ କହିଛନ୍ତି, 'ବର୍ଷକୁ ଥରେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ରଥଯାତ୍ରା ହୋଇଥାଏ। ଇସ୍କନ ବାରମ୍ବାର ଅଦିନିଆ ରଥଯାତ୍ରା କରୁଛି। ନଭେମ୍ବର ୯ରେ ଆମେରିକାରେ ଯେଉଁ ରଥଯାତ୍ରା ଇସ୍କନ କରୁଛି, ତାହା ଭକ୍ତଙ୍କୁ ବହୁତ ଆଘାତ ଦେଇଛି।

ଅଦିନିଆ ରଥଯାତ୍ରାକୁ ନେଇ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଅସନ୍ତୋଷ ବ୍ୟକ୍ତ କରିବା ସହ ଟୁଇଟ୍ କରି ଏପରି କାର୍ଯ୍ୟକୁ ବନ୍ଦ କରିବାକୁ ଅନୁରୋଧ କରିଛନ୍ତି। ପ୍ରଶ୍ନ ଉଠୁଛି ଖାଲି ଭାରତ ନୁହେଁ, ସାରା ବିଶ୍ୱରେ ତିଥି ଅନୁଯାୟୀ ରଥଯାତ୍ରା କରିବାକୁ ଚିଠିରେ ଉଲ୍ଲେଖ କରାଯାଇଥିଲା। ପରମ୍ପରାକୁ ଭଙ୍ଗାଯାଇ ଅଦିନିଆ ରଥଯାତ୍ରା କରିବା ଅତ୍ୟନ୍ତ ଦୁଃଖଦାୟକ। ଏନେଇ ସେ ଇସ୍କନକୁ ଟୁଇଟ୍‌କରି ଏପରି ପରମ୍ପରା ବିରୋଧୀ କାର୍ଯ୍ୟ ନ କରିବାକୁ ଅନୁରୋଧ କରିଛନ୍ତି। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚିଠି ଲେଖାଯାଇଛି। ଯଦି କୌଣସି ସୁଫଳ ନ ମିଳିବ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶିଳ୍ପୀ ପଟ୍ଟନାୟକ କହିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୬।୧୦।୨୦୨୪

| ୩,୭୦,୦୬୨ ଟଙ୍କା | |
|---|---|
| ସୁନା | ୧୨ ଗ୍ରାମ୍ |
| ରୁପା | ୧.୯୦୦ ଗ୍ରାମ୍ |

## ସଂକ୍ଷେପରେ

### ବୋଟ୍ ମାଲିକ, ବୋଟ୍ କ୍ରିଉ ମେମ୍ବରଙ୍କୁ ମିଳୁନି ସହାୟତା

ଅସ୍ତରଙ୍ଗ,୨୬।୧୦(ପ୍ରଦୀପ୍ତ କୁମାର ଦୀକ୍ଷିତ)

ବାତ୍ୟାର ବିଶେଷ ପ୍ରଭାବ ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳରେ ପଡ଼ି ନ ଥିଲା। ତେଣୁ ଅସ୍ତରଙ୍ଗ ଅଞ୍ଚଳରେ ବିଶେଷ କ୍ଷୟକ୍ଷତି ହୋଇ ନାହିଁ। ବାତ୍ୟା ପୂର୍ବରୁ ଜାରି ହୋଇଥିବା କଟକଣା ଯୋଗୁ ମତ୍ସ୍ୟଜୀବୀଙ୍କ ବେଉସା ୪ଦିନ ଧରି ପ୍ରଭାବିତ ହୋଇଛି। ସମୁଦ୍ର ଅଶାନ୍ତ ଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଥିଲା। ଏହି ସତର୍କତା ଜାରି ରହିଥିବାରୁ ଅସ୍ତରଙ୍ଗ ବ୍ଲକର ନୂଆଗଡ଼ ଜେଟି ନିକଟରେ ବହୁଶହ ସଂଖ୍ୟାରେ ଟ୍ରଲର ରହିଥିବା ଦେଖିବାକୁ ମିଳିଛି। ରବିବାରଠାରୁ ବୋଟଗୁଡ଼ିକ ସମୁଦ୍ର ଅଭିମୁଖେ ଯିବ ବୋଲି ସୂଚନା ମିଳିଛି। ଏହା ସହ ବିଭିନ୍ନ ସମୟରେ ସରକାରଙ୍କ କଟକଣା ଓ ପ୍ରାକୃତିକ ବିପର୍ଯ୍ୟୟ ହେତୁ ମାଛ ମାରିବାକୁ ବାରଣ କରାଯାଉଛି। ସମୁଦ୍ର ଉପରେ ନିର୍ଭର କରି ବଞ୍ଚୁଥିବା କ୍ରିଉ ମେମ୍ବର ସରକାରଙ୍କ ବିଭିନ୍ନ ସହାୟତାରୁ ବଞ୍ଚିତ ହେଉଛନ୍ତି। ଏଥିସହ ବୋଟ୍ ମାଲିକମାନେ ବିଭିନ୍ନ ସମୟରେ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ମିଳୁନାହିଁ। ଏ ନେଇ କ୍ରିଉ ମେମ୍ବର ଭୋଳାନାଥ ଶୁକ୍ଳା ଓ ରବୀନ୍ଦ୍ର ସ୍ୱାଇଁ କହିଛନ୍ତି, ବୋଟ୍‌ରେ ରହି ମାଛ ଧରି ପରିବାର ପ୍ରତିପୋଷଣ କରିଥାଉ। ସରକାରଙ୍କ ବିଭିନ୍ନ କଟକଣା ପରିବାର ଚଳାଇବା କଷ୍ଟକର ହେଉଛି। ଏହା ସହ ବୋଟ୍ ମାଲିକ ଶିବ ଚରଣ ଓଝା କହିଛନ୍ତି, ବୋଟ୍ ମାଲିକମାନେ କୌଣସି ସରକାରୀ ସୁବିଧା ପାଉନାହାନ୍ତି। ଏନେଇ ସରକାର ବିଚାର ବିମର୍ଶ କରି ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି।

### ବାତ୍ୟା ଦାନା ପ୍ରଭାବିତ ଅଞ୍ଚଳରେ ସ୍କାଉଟ୍ସ, ଗାଇଡ୍ସର ସେବାକାର୍ଯ୍ୟ ଜାରି

ପୁରୀ,୨୬।୧୦(ଅଜିତ୍ କୁମାର ମହାନ୍ତି)

ବାତ୍ୟା 'ଦାନା'ର ପ୍ରଭାବରେ କ୍ଷତିଗ୍ରସ୍ତ ଜିଲାମାନଙ୍କରେ ଓଡ଼ିଶା ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ ବିଭିନ୍ନ ସେବା ଯୋଗାଇ ଦିଆଯାଉଛି। ରାଜ୍ୟ ମୁଖ୍ୟ କମିଶନର ଡ. କାଳୀପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ସ୍କାଉଟ୍ସ ଓ ଗାଇଡ୍ସ ସଂସ୍ଥାର ଶତାଧିକ ରୋଭର୍ ଓ ରେଞ୍ଜର ବିଭିନ୍ନ ଜିଲାରେ ସେମାନଙ୍କର ସେବା କାର୍ଯ୍ୟ ଜାରି ରଖିଛନ୍ତି। ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର ଓ ଯାଜପୁର ଜିଲାରେ ରୋଭର୍, ରେଞ୍ଜରମାନେ ବାତ୍ୟା ଆଶ୍ରୟସ୍ଥଳରେ ଅନ୍ଧାର ଏବଂ ଅନାହାରରେ ଆଶ୍ରୟ ନେଇଥିବା ଲୋକମାନଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରୁଛନ୍ତି। ସେହିପରି କେନ୍ଦ୍ରାପଡ଼ା ଜିଲାର 'ଦାନା' ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ବଗପାଟିଆ ଗ୍ରାମରେ କେନ୍ଦ୍ରାପଡ଼ା ଜିଲାର ସ୍କାଉଟ୍ସ, ଗାଇଡ୍ସ, ରୋଭର ଓ ରେଞ୍ଜରମାନେ ଘରକୁ ଘର ବୁଲି ଚୁଡ଼ା, ଗୁଡ଼, ବିସ୍କୁଟ, ମହମବତୀ ଏବଂ ଦିଆସିଲି ଆଦି ଅତ୍ୟାବଶ୍ୟକ ସାମଗ୍ରୀ ଲୋକମାନଙ୍କୁ ବଣ୍ଟନ କରିଥିଲେ। ବାତ୍ୟା ପ୍ରଭାବରେ ରାସ୍ତା ଅବରୋଧ କରୁଥିବା ଭଙ୍ଗା ଗଛ ଡାଳ, ବିଦ୍ୟୁତ୍ ଖୁଣ୍ଟ ଆଦିକୁ ଉଠାଇ ରାସ୍ତା ପରିଷ୍କାର କରିବା କାର୍ଯ୍ୟରେ ଜିଲା ପ୍ରଶାସନକୁ ସହାୟତା ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ବାତ୍ୟା ପ୍ରଭାବିତ ପ୍ରତ୍ୟେକ ଜିଲାରେ ମଧ୍ୟ ସ୍କାଉଟ୍ସ ଓ ଗାଇଡ୍ସମାନେ ନିଜ ନିଜ ଅଞ୍ଚଳରେ ଅନୁରୂପ କାର୍ଯ୍ୟରେ ନିୟୋଜିତ ରହିଛନ୍ତି।

# କମ୍ୟୁନିଟି ହଲ୍ ପ୍ରତିଷ୍ଠା




ପୁରୀ,୨୬।୧୦(ଅଜିତ୍ କୁମାର ମହାନ୍ତି)

ତାଳବଣିଆସ୍ଥିତ ମଧୁସୂଦନ ନଗରରେ ମଧୁସୂଦନ ନଗର ଉନ୍ନୟନ କମିଟି ପକ୍ଷରୁ ଏକ କମ୍ୟୁନିଟି ହଲ୍‌ର ଗୃହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ମଧୁସୂଦନ ନଗରର ସମସ୍ତ ବାସିନ୍ଦାଙ୍କ ସହଯୋଗରେ ମଧୁସୂଦନ ନଗର ଉନ୍ନୟନ କମିଟିର ସଭାପତି ସ୍ୱରୂପାନନ୍ଦ ମହାନ୍ତି, ଉପସଭାପତି ରବୀନ୍ଦ୍ର ନାୟକ, ସମ୍ପାଦକ ମନୋଜ ରାଉତ, ସହସମ୍ପାଦକ ରବୀନ୍ଦ୍ର କୁମାର ବରାଳ, କୋଷାଧ୍ୟକ୍ଷ ନୀହାର ରଞ୍ଜନ ବେହେରା, ସାଂଗଠନିକ ସମ୍ପାଦକ ଦେବେନ୍ଦ୍ର ରାଓ, ପୂର୍ବତନ ସଭାପତି ନୀଳମାଧବ ମହାସେଠୀ, କଳ୍ପତରୁ ସାହୁ, ନିରଞ୍ଜନ ପାଇକରାୟ, ମନୋରଞ୍ଜନ ପ୍ରଧାନ, ଚିନ୍ମୟ ରାୟ, ରାମକୃଷ୍ଣ ନନ୍ଦ, ରତିକାନ୍ତ ପ୍ରତିହାରୀ, ଶ୍ରୀନିବାସ ପଣ୍ଡା, ସଚ୍ଚିଦାନନ୍ଦ ପ୍ରଧାନ, ବସନ୍ତ ରାଉତଙ୍କ ସମେତ ଅନ୍ୟ ବାସିନ୍ଦାଙ୍କ ଉପସ୍ଥିତିରେ କମ୍ୟୁନିଟି ହଲ୍‌ର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗୃହ ପ୍ରତିଷ୍ଠା ସହ ହୋମ ପୂଜାର୍ଚ୍ଚନା ନୀତି ଅନୁଷ୍ଠିତ ହୋଇଛି।

# ଶ୍ରୀଜଗନ୍ନାଥଙ୍କ ନାମରେ ହେବ ଚ୍ୟାନେଲ

ପୁରୀ,୨୬।୧୦(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱଦେବତା। ବିଶ୍ୱର ବହୁକୋଟି ଭକ୍ତ ଠାକୁରଙ୍କ ରୀତିନୀତି, ଯାନିଯାତ୍ରା, ବେଶ ଓ ସଂସ୍କୃତି ସମ୍ପର୍କରେ ଜାଣିବାକୁ ଚାହୁଁଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାର ଓ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମିଳିତ ଆନୁକୂଲ୍ୟରେ ଖୁବ୍‌ଶୀଘ୍ର ଶ୍ରୀଜଗନ୍ନାଥ ଟିଭି ଚ୍ୟାନେଲ କରିବାକୁ ପ୍ରୟାସ ଆରମ୍ଭ ହେବ ବୋଲି ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି।

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ଓଡ଼ିଶା ଯୁବ ଚେତନା ସଂଗଠନ ସମ୍ପାଦକ ଦେବାଶିଷ ଦାସ, ମିଶନ ଓଡ଼ିଶା ସହସମ୍ପାଦକ ରଶ୍ମିରଞ୍ଜନ ଦାଶ, ଜାତୀୟ ମିଡ଼ିଆ ଫାଉଣ୍ଡେଶନର ରଞ୍ଜନ କୁମାର ସାହୁ ଓ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ ଓଡ଼ିଶାର ଆବାହକ ଶିବରାମ ପ୍ରଧାନଙ୍କ ସମେତ ପାଞ୍ଚଜଣିଆ ପ୍ରତିନିଧି ଦଳ ମନ୍ତ୍ରୀଙ୍କୁ ସାକ୍ଷାତ କରି ଏକ ଟିଭି ଚ୍ୟାନେଲ ନେଇ ଆଲୋଚନା କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ପାଇଁ ସ୍ୱତନ୍ତ୍ର ଚ୍ୟାନେଲ ହେଲେ ନୃତ୍ୟ, ଗୀତ, ସାହିତ୍ୟ ଓ ଗବେଷଣା ସହିତ ସମ୍ପୃକ୍ତ ଓଡ଼ିଶାର ହାରାହାରି ୫୦୦ କଳାକାର, ସାହିତ୍ୟିକ, ଗବେଷକ, ପ୍ରବଚକ ଏଥିରେ ଅଂଶଗ୍ରହଣ କରିବା ସହ ପୁରୀର ସ୍ଥାନୀୟ ଅଧିବାସୀ, ମିଡିଆ ଓ ସେବକ ସମ୍ପ୍ରଦାୟର ଅନ୍ୟୁନ ୧୦୦ଜଣ ଏଥିରେ କର୍ମସଂସ୍ଥାନ ପାଇବେ। ବିଭିନ୍ନ ବେସରକାରୀ ମନୋରଞ୍ଜନ ଚ୍ୟାନେଲ ଠାକୁରଙ୍କୁ ଦେଖାଇ ବହୁଲକ୍ଷ ଟଙ୍କାର ବେପାର କରୁଥିବା ବେଳେ, ଶ୍ରୀମନ୍ଦିର ପ୍ରଶାସନର ନୀରବତା ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି କହିଛନ୍ତି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ମିଶ୍ର।



ଅତିଥିମାନଙ୍କ ଗହଣରେ ନବନିଯୁକ୍ତ କନିଷ୍ଠ ଶିକ୍ଷକବୃନ୍ଦ।

# ୧୨୧ ନବନିଯୁକ୍ତ କନିଷ୍ଠ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ନିମାପଡ଼ା,୨୬।୧୦(ବିଚିତ୍ରାନନ୍ଦ ସାହୁ)

ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ (ଓପିଟିଏ), ନିମାପଡ଼ା ବ୍ଲକ ଶାଖା ପକ୍ଷରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁକାନ୍ତ ସ୍ୱାଇଁ ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ଦେଇଥିଲେ। ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ମାଧବ ବିଶ୍ୱାଳ, ଚିତ୍ତରଞ୍ଜନ ସ୍ୱାଇଁ, ଗଙ୍ଗାଧର ପତି, ବ୍ଲକ ଶିକ୍ଷକ ସଂଘ ସମ୍ପାଦକ ନିହାଲ ଅକତର, ସାଙ୍ଗଠନିକ ସମ୍ପାଦକ ସୋନୁଚରଣ ଭୋଇ, ଉପଦେଷ୍ଟା ସୁଧିର ପ୍ରଧାନ ପ୍ରମୁଖ ଯୋଗଦେଇ ନବନିଯୁକ୍ତ କନିଷ୍ଠ ଶିକ୍ଷକ (ଯୋଜନା ଭିତ୍ତିକ)ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରତ୍ୟେକ ଶିକ୍ଷୟିତ୍ରୀ ଶିକ୍ଷକ ନିଷ୍ଠାର ସହ କାର୍ଯ୍ୟ କରି ଭବିଷ୍ୟତରେ ଜଣେ ଜଣେ ଆଦର୍ଶ ଶିକ୍ଷକ ଭାବେ ନିଜକୁ ଗଢି ତୋଳିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ନବନିଯୁକ୍ତ କନିଷ୍ଠ ଶିକ୍ଷକଙ୍କ ସହ ପ୍ରାଥମିକ ଶିକ୍ଷକ ସଂଘ ସଦାସର୍ବଦା ରହିଛି ବୋଲି ସଂଘ କର୍ମକର୍ତ୍ତା କହିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥି ଓ ପୁରୀ, କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ମୟୂରଭଞ୍ଜ ସମେତ ବିଭିନ୍ନ ବାହାର ଜିଲାରୁ ନିମାପଡ଼ାକୁ ଆସିଥିବା ମୋଟ ୧୨୧ ଜଣ ନବନିଯୁକ୍ତ କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ସୁଦର୍ଶନ ପାତ୍ର, ମହେନ୍ଦ୍ର ମିଶ୍ର, ହାଫିଜିଉ ରେହେମାନ, କ୍ଷଣପ୍ରଭା ପାତ୍ର, ସସ୍ମିତା ମିଶ୍ର, ବନଜାବାସିନୀ ମହାନ୍ତି, ମିନତି ବେହେରା ପ୍ରମୁଖ ଉତ୍ସବ, କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ। ଉତ୍ସବରେ ସଂଘର ବହୁ କର୍ମକର୍ତ୍ତା, ବ୍ଲକର ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ।

# ହୃଦ୍‌ଘାତରେ ଶିକ୍ଷକଙ୍କ ପରଲୋକ

ଅସ୍ତରଙ୍ଗ,୨୬।୧୦
(ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନରେ ସାଧନ ସଂଯୋଜକ ଭାବେ କାର୍ଯ୍ୟରତ ପ୍ରସନ୍ନ କୁମାର ନାୟକ କାର୍ଯ୍ୟରତ ଥିବାବେଳେ ମଣ୍ଡଳସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଅସ୍ତରଙ୍ଗ ନୋଡାଲ୍ ଉପ୍ରା ବିଦ୍ୟାଳୟକୁ ଆସିଥିଲେ। ସେଠାରେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସେ ପଶ୍ଚିମେଶ୍ୱର ବିଦ୍ୟାପୀଠ, ନଗର, ପାଟସୁନ୍ଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟଳଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟ କରିଥିଲେ। ନିଜସ୍ୱ ଗ୍ରାମ ଆଳସାହି ପଞ୍ଚାୟତ ଅନନ୍ତା ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସ୍ତ୍ରୀ, ୨ ଝିଅ, ପୁଅ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ଅସ୍ତରଙ୍ଗ ମଣ୍ଡଳ ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ସାଧନ ସଂଯୋଜକ ରବୀନ୍ଦ୍ର ପରିଡ଼ା, ତ୍ରିଲୋଚନ ବେହେରା, ବାନାମ୍ବର ବେହେରା, ନିରଞ୍ଜନ ବେହେରା, ସନ୍ତୋଷ ସ୍ୱାଇଁ, ବିପିନ ମହାନ୍ତି ପ୍ରମୁଖ ଶେଷ ଦର୍ଶନ କରିଥିଲେ। ଏନେଇ ଅସ୍ତରଙ୍ଗ ଶିକ୍ଷକ ସମାଜରେ ଶୋକର ଛାୟା ଖେଳିଯାଇଛି।

# ଇକୋ ରିଟ୍ରିଟ୍ ପାଇଁ ରାସ୍ତା କାର୍ଯ୍ୟ ଆରମ୍ଭ




କୋଣାର୍କ,୨୬।୧୦(ଜ୍ୟୋତିରାଜ ମହାନ୍ତି)

ପୁରୀ–କୋଣାର୍କ ବେଳାମାର୍ଗ ରାମଚଣ୍ଡୀ ମୁହାଣ ନିକଟରେ ଡିସେମ୍ବର ପ୍ରଥମ ସପ୍ତାହରୁ କୋଣାର୍କ ଇକୋ ରିଟ୍ରିଟ୍ ଆରମ୍ଭ ହେବ। ଏଥିନେଇ ଶନିବାର ବେଳାମାର୍ଗ ପାର୍ଶ୍ୱରୁ ରାମଚଣ୍ଡୀ ମୁହାଣ ପର୍ଯ୍ୟନ୍ତ ପ୍ରଥମେ ରାସ୍ତା ମରାମତି କାର୍ଯ୍ୟ ଓ ମେଶିନ ଲଗାଇ ବାଲି ସମତୁଲ କାର୍ଯ୍ୟ ଆରମ୍ଭ ହୋଇଛି। ଜୁଆର ମାଡ଼ରୁ ରାସ୍ତାକୁ ସୁରକ୍ଷା ଦେବାକୁ ୬ ଫୁଟ ଗଭୀରରେ ବଲ୍ହା ପୋତାଯିବ। ରାସ୍ତା ମରାମତି ସରିଲେ ପାଣି ପାଇପ୍, ବିଦ୍ୟୁତ୍ ସଂଯୋଗ ଆଦି କାର୍ଯ୍ୟ ଆରମ୍ଭ ହେବ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ବଡ଼ ତୋରଣ, ସେଲ୍‌ଫି ପଏଣ୍ଟ, କନ୍‌ଫରେନ୍ସ ଓ ରିସେପ୍ସନ ପାଇଁ ୨ଟି ହଲ୍ ନିର୍ମାଣ ହେବ। ବିଦ୍ୟୁତ୍ ସଂଯୋଗ ସରିଲେ ସମୁଦ୍ର କୂଳରୁ ୩୦ ମିଟର ବାଦ୍ ଦେଇ ବେଳାଭୂମିରେ ଅତ୍ୟାଧୁନିକ ତମ୍ବୁ ଘର ନିର୍ମାଣ କରାଯିବ। ଏ ସମ୍ପର୍କରେ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ କହିଛନ୍ତି, ଦେଶ ବିଦେଶର ପର୍ଯ୍ୟଟକମାନେ ୭୦ ତମ୍ବୁ ଘରେ ରହି ଇକୋ ରିଟ୍ରିଟ୍ ସହିତ ରାମଚଣ୍ଡୀ ନଦୀର ସନ୍ଧ୍ୟାକାଳୀନ ଦୃଶ୍ୟର ମଜା ଉଠାଇପାରିବେ।

# ଆକର୍ଷଣୀୟ ହେବ ମା' ଦକ୍ଷିଣକାଳୀଙ୍କ ପୂଜା, ଭସାଣି

ସାକ୍ଷୀଗୋପାଳ,୨୬।୧୦ (ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)

ପୁରୀ ଜିଲାର ପ୍ରସିଦ୍ଧ ତନ୍ତ୍ରପୀଠ ସତ୍ୟବାଦୀ ବ୍ଲକ ବୀରଗୋବିନ୍ଦପୁର ଶାସନର ମା' ଦକ୍ଷିଣକାଳୀଙ୍କ ଆସନ୍ତା ୩୦ ତାରିଖରେ ମସ୍ତକ ସ୍ଥାପନ, ୩୧ରେ ପୂଜା ଓ ନଭେମ୍ବର ୧ରେ ମା'ଙ୍କ ଭସାଣି ଅନୁଷ୍ଠିତ ହେବ। ମା'ଙ୍କ ଶୃଙ୍ଖଳିତ ଦର୍ଶନ ସହିତ ଯାତ୍ରା ପରିଚାଳନା ନିମନ୍ତେ ଶନିବାର ସନ୍ଧ୍ୟାରେ ମା' ଦକ୍ଷିଣକାଳୀଙ୍କ ମନ୍ଦିର ପ୍ରାଙ୍ଗଣରେ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦେବୀଙ୍କ ପୂଜା, ଦର୍ଶନ, ଦେବନୀତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। କାଳୀପୂଜା ପୂର୍ବରୁ ରାସ୍ତା ମରାମତି, ଆଲୋକ ବ୍ୟବସ୍ଥା, ପାନୀୟଜଳ ଯୋଗାଣ ଓ ପରିମଳ, ଅଗ୍ନିଶମ, ଆଇନ ଶୃଙ୍ଖଳା ନିୟନ୍ତ୍ରଣ, ଟ୍ରାଫିକ ନିୟନ୍ତ୍ରଣ, ଆମ୍ବୁଲାନ୍ସ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଉପଜିଲାପାଳ ଗୋପୀନାଥ କୁଅଁର, ସତ୍ୟବାଦୀ ତହସିଲଦାର ଆଲୋକ ଦେହୁରୀ, ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ସତ୍ୟବାଦୀ ଆଇଆଇସି ଉମେଶ ସାହୁ, ଚନ୍ଦନପୁର ଥାନା ଅଧିକାରୀ, ସତ୍ୟବାଦୀ ବିଡିଓ ଲିପ୍ସା ରାୟ, ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା, ଅଗ୍ନିଶମ ଅଧିକାରୀ, ଗ୍ରାମ କୋଠ ସଭାପତି ଆଦିତ୍ୟ ନନ୍ଦ, ସମ୍ପାଦକ ଅବିନାଶ ଆଚାର୍ଯ୍ୟ, ୩୨ ନଂ. ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳଙ୍କ ସମେତ କୋଠର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଚଳିତବର୍ଷ ମା'ଙ୍କ ପୂଜା ଓ ଭସାଣି ଉତ୍ସବ ଅଧିକ ଆକର୍ଷଣୀୟ କରାଯିବା ସହ ଠିକ୍ ସମୟରେ ପୂଜାନୀତି ଅନୁଷ୍ଠିତ ହେବ ବୋଲି କୋଠ ସଭାପତି ନନ୍ଦ ପ୍ରକାଶ କରିଛନ୍ତି।



ବୈଠକରେ ଉପଜିଲାପାଳ ଗୋପୀନାଥ କୁଅଁରଙ୍କ ସମେତ ଅନ୍ୟ ଅଧିକାରୀମାନେ।

# ଝିପିଝିପି ବର୍ଷା ଉଜୁଡ଼ା ଚାଷକୁ ଦେଲା ପୁନଃଜୀବନ

କାକଟପୁର/ଅସ୍ତରଙ୍ଗ,୨୬।୧୦
(ଶୁଭଦର୍ଶନ ମିଶ୍ର/ମମତା ଜେନା)

## କାକଟପୁରରେ ବାତ୍ୟା ପ୍ରଭାବଶୂନ୍ୟ

କାକଟପୁର ବ୍ଲକରେ ବାତ୍ୟା 'ଦାନା'ର ସାମାନ୍ୟତମ ପ୍ରଭାବ ପଡ଼ିନାହିଁ। ଗୁରୁବାର ରାତି, ଶୁକ୍ରବାର ମଧ୍ୟାହ୍ନ ଏବଂ ସନ୍ଧ୍ୟା ସମୟରେ କେବଳ ଝିପିଝିପି ବର୍ଷା ହୋଇଛି। ବଡ଼ ବର୍ଷା ନ ହେବାରୁ କୌଣସି ସ୍ଥାନରେ ପାଣି ମଧ୍ୟ ଜମିନାହିଁ। ଅତୀତରେ ଏକାଧିକ ବାତ୍ୟାର ସମ୍ମୁଖୀନ ହୋଇଥିବା କାକଟପୁର ବ୍ଲକବାସୀ 'ଦାନା'କୁ ନେଇ ଭୟଭୀତ ଥିଲେ। ଯଦିଓ ବାତ୍ୟାର ସିଧାସଳଖ ପ୍ରଭାବ ପୁରୀ ଜିଲାରେ ପଡ଼ିବନି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା, ତଥାପି ପବନ ବହିବା ସହ ଭାରି ବର୍ଷା ହେବା ନେଇ ସତର୍କ କରାଯାଇଥିଲା। ବାତ୍ୟା ମୁକାବିଲା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିଲା। ପ୍ରଶାସନ ପକ୍ଷରୁ ବିଶେଷକରି ଖାଲୁଆ ଅଞ୍ଚଳ ଓ କଚ୍ଚାଘରେ ବସବାସ କରୁଥିବା ପରିବାରକୁ ସ୍ଥାୟୀ ଏବଂ ଅସ୍ଥାୟୀ ଆଶ୍ରୟସ୍ଥଳକୁ ନିଆଯାଇଥିଲା। ତେବେ ବଡ଼ ବର୍ଷା ଓ ଜୋର ପବନ ନ ହେବାରୁ ସେମାନେ ବାତ୍ୟା ଆଶ୍ରୟସ୍ଥଳରୁ ନିଜ ନିଜ ଘରକୁ ଆସିଯାଇଥିଲେ। ବାତ୍ୟାର ପ୍ରଭାବ କାକଟପୁର ବ୍ଲକରେ ଶୂନ ରହିଥିବାରୁ ବିଶେଷକରି ଚାଷୀ ଆଶ୍ୱସ୍ତି ପ୍ରକାଶ କରିଛନ୍ତି। ବର୍ଷା ଅଭାବରୁ ଧାନ ଜମି ଫାଟି ଆଁ କରିଥିଲା। ବାତ୍ୟାର ଝିପିଝିପି ବର୍ଷା ଉଜୁଡ଼ା ଧାନ ଓ ପରିବା ଚାଷକୁ ପୁନଃ ଜୀବନ ଦେଲା ବୋଲି କେତେଜଣ ଚାଷୀ ଖୁସି ବ୍ୟକ୍ତ କରିଛନ୍ତି। ସେହିଭଳି ପବନ ନ ବହିବାରୁ ଦାନା ସ୍ଥଳଭାଗ ଛୁଇଁଥିଲେ ମଧ୍ୟ କାକଟପୁର ବିଦ୍ୟୁତ୍ ବିଭାଗ ସବ୍‌ଡିଭିଜନ ପକ୍ଷରୁ ବିଦ୍ୟୁତ୍ କାଟ୍ ହୋଇ ନ ଥିଲା। ଏଥିନେଇ କାକଟପୁର ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତା ସବ୍‌ଡିଭିଜନର ଏସ୍‌ଡିଓ ସ୍ମୃତିରଞ୍ଜନ ବେହେରା ଓ ଯନ୍ତ୍ରୀ କାହ୍ନୁଚରଣ ବେହେରାଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଛୁଟି ବାତିଲ ସତ୍ତ୍ୱେ ଆସିଲେନି କର୍ମଚାରୀ

## ଗୋପ ବ୍ଲକରେ ଝୁଲୁଛି ତାଲା

ଗୋପ,୨୬।୧୦
(ଭାରତୀ ଭୂଷଣ ଉପାଧ୍ୟାୟ)



ରାଜ୍ୟ ସରକାର ବାତ୍ୟା କ୍ଷୟକ୍ଷତି ଓ ରିଲିଫ ପ୍ରଦାନ ନିମନ୍ତେ ଶନିବାର, ରବିବାର ସରକାରୀ ଛୁଟି ବାତିଲ କରିଥିଲେ ମଧ୍ୟ ପୁରୀ ଜିଲା ଗୋପ ବ୍ଲକରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଶନିବାର ଗୋପ ବ୍ଲକରେ ତାଲା ଝୁଲୁଥିବାବେଳେ ବିଡିଓଙ୍କ ସହିତ କୌଣସି ଅଧିକାରୀ କି କର୍ମଚାରୀ ଆସି ନ ଥିବା ଜଣାପଡ଼ିଛି। ସାମାଜିକ କର୍ମୀ ଭାଗୀରଥି ସ୍ୱାଇଁ ଏପରି ଏକ ଗୁରୁତର ଅଭିଯୋଗ ଉପରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ, ପୁରୀ ଜିଲାପାଳଙ୍କ ସହ ଆଉ କେତେକ ବିଭାଗୀୟ ପଦାଧିକାରୀଙ୍କୁ 'ଏକ୍ସ' ଯୋଗେ ଜଣାଇବା ସହ ଜିପିଆର୍‌ଏସ୍ କ୍ୟାମେରା ଫଟୋ ସଂଲଗ୍ନ କରିଛନ୍ତି।
ପ୍ରକାଶ ଯେ, ବାତ୍ୟା 'ଦାନା' ୨୪ ତାରିଖ ରାତିରେ ସ୍ଥଳଭାଗ ଛୁଇଁଥିବାବେଳେ ରାଜ୍ୟ ସରକାରୀ ୨ ଦିନ ସରକାରୀ ଛୁଟି ବାତିଲ କରିଥିଲେ। ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୫୨୮୨, ତା, ୨୫।୧୦।୨୦୨୪ରେ ସମସ୍ତ ବିଭାଗକୁ ଏନେଇ ଚିଠି ଲେଖିଥିଲେ। ତେବେ ଶନିବାର ଗୋପ ବ୍ଲକର ତହସିଲ କାର୍ଯ୍ୟାଳୟ, ଜଳସମ୍ପଦ ବିଭାଗ, କୃଷି ବିଭାଗ ସହିତ ଅନ୍ୟାନ୍ୟ ବିଭାଗ ଖୋଲା ଯାଇଥିବାବେଳେ ଗୋପ ବ୍ଲକରେ ତାଲା ଝୁଲୁଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଡିଓ ଛବିରାଣୀ ସାହୁଙ୍କୁ ପଚାରିବାରେ, ସରକାରୀ ନିୟମ ଅନୁସାରେ ସେ ବ୍ଲକରେ ଥିଲେ ଓ ଅନ୍ୟ କର୍ମଚାରୀମାନେ ଥିଲେ ବୋଲି କହିଥିଲେ। ତେବେ ବାତ୍ୟା ପୂର୍ବରୁ ୨୨ ତାରିଖରେ ଆୟୋଜିତ ଏକ ବୈଠକରେ ସମସ୍ତ କାର୍ଯ୍ୟାଳୟ ଖୋଲା ରହିବାକୁ ନିର୍ଦ୍ଦେଶ ହୋଇଥିବାବେଳେ ୨୩ ତାରିଖ ରାତି ୯ଟା ବେଳକୁ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଅଭିଯୋଗ ହୋଇଥିଲା।

## ସଂକ୍ଷେପରେ

### ଆଜି ସରୁଛି ଯୁକ୍ତ ୨ ନାମଲେଖା ଆବେଦନ

ଭୁବନେଶ୍ୱର,୨୬।୧୦(ଅନୁରାଧା ମହାରଣା)

ରାଜ୍ୟର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଖାଲିଥିବା ଯୁକ୍ତ ୨ ସିଟ୍‌ରେ ନାମ ଲେଖାଇବା ପାଇଁ ରବିବାର ଆବେଦନ ସରୁଛି। ପ୍ରଥମରୁ ଦୁଇଟି ପର୍ଯ୍ୟାୟରେ ନାମଲେଖା ଶେଷ ହୋଇଥିବାବେଳେ ତୃତୀୟ ତଥା ଶେଷ ପର୍ଯ୍ୟାୟ ନାମଲେଖା ପାଇଁ ଗତ ୨୨ ତାରିଖରୁ ଆବେଦନ ଆରମ୍ଭ ହୋଇଥିଲା। ରବିବାର ରାତି ୧୧ଟା ୪୫ ମଧ୍ୟରେ ଛାତ୍ରୀଛାତ୍ର ଅବଶିଷ୍ଟ ସିଟ୍‌ରେ ନାମଲେଖାଇବାକୁ ଆବେଦନ କରିପାରିବେ। ନଭେମ୍ବର ପହିଲା ୨ଟା ୩୦ରେ ଏହି ମେରିଟ୍ ଲିଷ୍ଟ ସହ ୱେଟିଂ ଲିଷ୍ଟ ପ୍ରକାଶ ପାଇବ। ୨ରୁ ୫ ତାରିଖ ମଧ୍ୟରେ ମନୋନୀତ ଛାତ୍ରୀଛାତ୍ରଙ୍କ ନାମଲେଖା ଅନୁଷ୍ଠିତ ହେବ। ସେହିପରି ୭ ଓ ୮ ତାରିଖରେ ୱେଟିଂଲିଷ୍ଟରେ ଥିବା ଛାତ୍ରୀଛାତ୍ରଙ୍କ ନାମ ପଞ୍ଜୀକରଣ କରାଯିବ। ଏହାସହ ୮ ତାରିଖ ଅପରାହ୍ଣରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ୧୧ରୁ ୧୩ ତାରିଖରେ ମନୋନୀତ ଛାତ୍ରୀଛାତ୍ର ନାମ ଲେଖାଇବେ। ୧୩ ତାରିଖରେ ଚଳିତ ଶିକ୍ଷାବର୍ଷରେ ଯୁକ୍ତ ୨ରେ ନାମଲେଖାର ସମସ୍ତ ପ୍ରକ୍ରିୟା ଶେଷ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ସୂଚନା ଦିଆଯାଇଛି।

### ଦେଢ଼ବର୍ଷର ଝିଅକୁ ମାଡ଼ ମାରି ମା’ ଅଟକ

**ଭିଡିଓକୁ ନେଇ ପୋଲିସର ତଦନ୍ତ**

ବାଣପୁର,୨୬।୧୦(ଦିଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଞ୍ଚଳରେ ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ଦେଢ଼ବର୍ଷର ଝିଅକୁ ଅମାନୁଷିକ ଭାବେ ମାଡ଼ ମାରିବା ସହ ଏହାର ଭିଡିଓ ଉତ୍ତୋଳନ କରିଛନ୍ତି ମା’। ଏନେଇ ଅଭିଯୋଗ ପରେ ପୋଲିସ ଶିଶୁକନ୍ୟାଙ୍କ ମା’ଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ବାଣପୁର ବ୍ଲକ ଗମ୍ଭାରୀମୁଣ୍ଡା ହରିଚନ୍ଦନପୁର ଅଞ୍ଚଳର ଜଣେ ଯୁବକ ଚାରି ବର୍ଷ ପୂର୍ବେ ଗଞ୍ଜାମ ଜିଲା ସିଂହାସନୀ ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ତେବେ ବିବାହ ପରଠାରୁ କୌଣସି କାରଣକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖାଦେଇଥିଲା। ଅନ୍ୟ ଜଣେ ମହିଳାଙ୍କ ସହ ସ୍ୱାମୀଙ୍କ ସମ୍ପର୍କ ରହିଥିବା ନେଇ ସ୍ତ୍ରୀ ଅଭିଯୋଗ ଆଣିବା ସହ ବାଣପୁର ବଜାରରେ ଅଲଗା ରହୁଥିଲେ। ଇତି ମଧ୍ୟରେ ଉଭୟଙ୍କର ଏକ ଶିଶୁକନ୍ୟା ଜନ୍ମ ହୋଇଥିଲା। ତେବେ ଘରଭଡ଼ା ସହ ଝିଅ ଓ ସ୍ତ୍ରୀଙ୍କ ପ୍ରତିପୋଷଣ ତଥା ଆନୁଷଙ୍ଗିକ ଖର୍ଚ୍ଚ ପାଇଁ ସ୍ୱାମୀ ଟଙ୍କା ଦେଉ ନ ଥିଲେ। ଶୁକ୍ରବାର ଦେଢ଼ବର୍ଷର ଝିଅକୁ ମାଡ଼ ମାରିବା ସହ ଏହାର ଭିଡିଓ ଉତ୍ତୋଳନ କରିଥିଲେ। ଉକ୍ତ ଭିଡିଓକୁ ସ୍ୱାମୀଙ୍କ ନିକଟକୁ ମୋବାଇଲରେ ପଠାଇଥିଲେ। ଏହାପରେ ଶିଶୁକନ୍ୟାଙ୍କ ବାପା ଏହି ଭିଡିଓକୁ ପରିବାର ସଦସ୍ୟଙ୍କ ନିକଟକୁ ପଠାଇଥିଲେ। ଏହାପରେ ଶାଶୁଘର ଲୋକେ ତାଙ୍କ ବୋହୂଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଉଭୟ ମା’ ଓ ଝିଅକୁ ଥାନାକୁ ଆଣି ତଦନ୍ତ ଚଳାଇଛି।

### ଶନି ଠାକୁରଙ୍କ ସୁନାର ଆଖି, ରୁପା ମୁକୁଟ ଲୁଟିନେଲେ

**ସିସିଟିଭିରେ ଚୋରିବେଳର ଦୃଶ୍ୟ କଏଦ**

ବାଲିପାଟଣା,୨୬।୧୦
(ଅଭିମନ୍ୟୁ ନାୟକ)

ବାଲିପାଟଣା ଥାନା ଅଞ୍ଚଳରେ ଚୋରଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଶନିବାର ଭୋରୁ ବନମାଳିପୁର ଫାଣ୍ଡି ନିକଟ ଆମଣାକୁଦ ପଞ୍ଚାୟତର କୁଦପାଟଣା ଗ୍ରାମରେ ଥିବା ଶନି ମନ୍ଦିରରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର ଗେଟ୍‌ ତାଲା କାଟି ଠାକୁରଙ୍କ ସୁନାର ଆଖି, ରୁପା ମୁକୁଟ ନେଇଯାଇଛନ୍ତି। ମନ୍ଦିରରେ ଲାଗିଥିବା ସିସିଟିଭିରେ ଚୋରିବେଳର ଦୃଶ୍ୟ କଏଦ ହୋଇଛି। ଦୁଇଜଣ ଦୁର୍ବୃତ୍ତ ଭୋର ସାଢେ ୪ଟାରେ ମନ୍ଦିର ଗେଟ୍ ତାଲା କାଟି ଭିତରକୁ ପଶି ଠାକୁରଙ୍କ ଅଳଙ୍କାର ନେଇଯାଇଥିଲେ। ସେମାନେ ରେନ୍‌କୋର୍ଟ, ଟୋପି ଏବଂ ମୁହଁରେ କପଡ଼ା ବାନ୍ଧିଥିବା ସିସିଟିଭିରେ କଏଦ ହୋଇଛି। ଖବରପାଇ ବାଲିପାଟଣା ଥାନା ଅଧିକାରୀ ଓ ବନମାଳିପୁର ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଶନିବାର ଉଦ୍‌ଘାଟିତ ଗୁରୁ ଦେବପ୍ରସାଦ ସମ୍ମାନ ପ୍ରଦାନ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ।

# ୪ଜଣଙ୍କୁ ‘ଗୁରୁ ଦେବପ୍ରସାଦ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଆୱାର୍ଡ’

- ଅନ୍ୟ ୪ଜଣ ପାଇଲେ ‘ଗୁରୁ ଦେବପ୍ରସାଦ ଯୁବ ପ୍ରତିଭା ସମ୍ମାନ’
- ନୃତ୍ୟ ସାଙ୍ଗକୁ ଆମୋଦିତ କଲା ବେହେଲା ବାଦନ

ଭୁବନେଶ୍ୱର, ୨୬।୧୦ (ବନ୍ଦନା ସେଠୀ)

ତ୍ରିଧାରା ପକ୍ଷରୁ ୧୮ତମ ଗୁରୁ ଦେବପ୍ରସାଦ ସମ୍ମାନ ପ୍ରଦାନ ଉତ୍ସବ ଶନିବାର ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଓଡ଼ିଶୀ ନୃତ୍ୟରେ ମାୟାଧର ରାଉତ, ଓଡ଼ିଶୀ ସଙ୍ଗୀତରେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ମର୍ଦ୍ଦଳରେ ଗୁରୁ ହରମୋହନ ଖୁଣ୍ଟିଆ ଏବଂ ନାଟ୍ୟ ସାହିତ୍ୟରେ ରମେଶ ପ୍ରସାଦ ପାଣିଗ୍ରାହୀଙ୍କୁ ଆଜୀବନ ସାଧନା ନିମନ୍ତେ ‘ଗୁରୁ ଦେବପ୍ରସାଦ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ’ ପ୍ରଦାନ କରାଯାଇଛି। ସେହିଭଳି ଭାରତନାଟ୍ୟମ୍ ପାଇଁ ଅଜିଥ୍ ଭାସ୍କର, କଥକ ନୃତ୍ୟରେ ରୂପାରାଣୀ ଦାସ ବୋରାହ, ବେହେଲା ବାଦନରେ ତେଜସ୍ ଉପାଧ୍ୟାୟ ଏବଂ ଓଡ଼ିଶୀ ନୃତ୍ୟରେ ବିକ୍ନେଶ୍ୱରମ୍ ଗୁଣସାଗରଙ୍କୁ ‘ଗୁରୁ ଦେବପ୍ରସାଦ ଯୁବ ପ୍ରତିଭା ସମ୍ମାନ’ ଦିଆଯାଇଛି।

**ଆରମ୍ଭ ହେଲା ଗୁରୁ ଦେବପ୍ରସାଦ ସମ୍ମାନ ପ୍ରଦାନ ଉତ୍ସବ**



ସମ୍ବର୍ଦ୍ଧନା ଉତ୍ସବ ପରେ ସନ୍ଧ୍ୟାର ପ୍ରଥମ ଉପସ୍ଥାପନା ନେଇ ମଞ୍ଚକୁ ଓହ୍ଲାଇଥିଲେ ମାଲେସିଆରୁ ଆସିଥିବା ଦାତୁକ ରାମ୍‌ଲୀ ଇବ୍ରାହିମ୍ ଓ ତାଙ୍କ ଅନୁଷ୍ଠାନ ‘ସୂତ୍ର ଡ୍ୟାନ୍ସ ଥିଏଟର୍’ର ଶିଳ୍ପୀମାନେ। ସେମାନେ ପ୍ରଥମେ ମଙ୍ଗଳାଚରଣ, ପରେ ଶିବତାଣ୍ଡବ ଏବଂ ଶେଷରେ କୃଷ୍ଣ ଓ ରାଧାଙ୍କ ଉପରେ ପର୍ଯ୍ୟବସିତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ତାଙ୍କ ପରେ ଭାରତନାଟ୍ୟମ୍ ନୃତ୍ୟଶିଳ୍ପୀ ଅଜିଥ୍‌ଙ୍କ ଦ୍ୱାରା ଏକକ ଭାରତନାଟ୍ୟମ ନୃତ୍ୟ ପରିବେଷିତ ହୋଇଥିଲା। ତାଙ୍କ ପ୍ରସ୍ତୁତିରେ ଥିଲା ମହାଭାରତ ଉପନ୍ୟାସରୁ ଉଦ୍ଧୃତ ‘ପାଞ୍ଚାଳୀ ସପ୍ତମ୍’। ଏହା ରାଗ ମାଳିକା ଓ ତାଳ ମାଳିକା ଉପରେ ନିବଦ୍ଧ ଥିଲା। ପରବର୍ତ୍ତୀ ପ୍ରସ୍ତୁତିରେ କଥକ ନୃତ୍ୟାଙ୍ଗନା ରୂପାରାଣୀ ଏକକ କଥକ ନୃତ୍ୟ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲେ। ତାଙ୍କର ପ୍ରଥମ ପ୍ରସ୍ତୁତିରେ ‘ଗଣେଶ ବନ୍ଦନା’, ଦ୍ୱିତୀୟରେ ପାରମ୍ପରିକ କଥକ ନୃତ୍ୟ ଏବଂ ଅନ୍ତିମ ପ୍ରସ୍ତୁତରେ ଥିଲା ‘ଗୋବର୍ଦ୍ଧନ’। ସନ୍ଧ୍ୟାର ଶେଷ ପ୍ରସ୍ତୁତିରେ ବିଶିଷ୍ଟ ବେହେଲା ବାଦକ ତେଜସଙ୍କ ଦ୍ୱାରା ବେହେଲା ବାଦନ କରାଯାଇଥିଲା। ବିଭିନ୍ନ ରାଗ ଓ ତାଳକୁ ନେଇ ପରିବେଷିତ ବେହେଲା ବାଦନ ପ୍ରେକ୍ଷାଳୟରେ ଉପସ୍ଥିତ ଦର୍ଶକଙ୍କ ଶ୍ରୁତିମଧୁର ହୋଇଥିଲା। ଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ପ୍ରସାର ଭାରତୀର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁରେଶ ଚନ୍ଦ୍ର ପଣ୍ଡା, ପାରାଦୀପ ଫସ୍‌ଫେଟ ଲିମିଟେଡ୍‌ର କର୍ପୋରେଟ୍ ମୁଖ୍ୟ ସୁଧୀର ରଞ୍ଜନ ମିଶ୍ର, ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର ପଣ୍ଡା ଏବଂ କାର୍ଯ୍ୟରତ ସମ୍ପାଦକ ସୀମାଞ୍ଚଳ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ପୁଣ୍ୟଦର୍ଶନ ସାହୁ ସଞ୍ଚାଳନା କରିଥିଲେ। ଦୁଇଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।



ପୁରୀ ସମୁଦ୍ରର ମଙ୍ଗଳା ନଦୀ ମୁହାଣରେ ମତ୍ସ୍ୟଜୀବୀମାନେ ଜାଲ ପକାଇ ମାଛ ଧରୁଛନ୍ତି।

## ଚାନ୍ଦୁଆ ହସ୍ତଶିଳ୍ପ ଗ୍ରାମ ପାଇଁ ମାଷ୍ଟର ପ୍ଲାନ୍

**ସ୍ଥିତି ଅନୁଧ୍ୟାନ କଲେ ପର୍ଯ୍ୟଟନ ସଚିବ**

ପିପିଲି,୨୬।୧୦(ପ୍ରଭାତ କୁମାର ମହାପାତ୍ର)

ପିପିଲି ହସ୍ତଶିଳ୍ପ ଗ୍ରାମ ଶନିବାର ରାଜ୍ୟ ପର୍ଯ୍ୟଟନ ବିଭାଗ ସଚିବ ବଲୱନ୍ତ ସିଂ ପରିଦର୍ଶନ କରିଛନ୍ତି। ସଚିବ ସିଂ ପୁରୀ ଜିଲାର ବିଭିନ୍ନ ହସ୍ତଶିଳ୍ପ ଗ୍ରାମ ପରିଦର୍ଶନ ସହ ଏହାର ସ୍ଥିତି ସମୀକ୍ଷା କରିଛନ୍ତି। ପ୍ରକଳ୍ପର ଉନ୍ନୟନ କାର୍ଯ୍ୟ ସହିତ ଏଠାରେ ଥିବା ଜାଗା ସମସ୍ୟାର କିଭଳି ସମାଧାନ ହୋଇପାରିବ ସେନେଇ ପିପିଲି ତହସିଲଦାର ଓ ବିଡିଓଙ୍କ ସହିତ ଆଲୋଚନା କରିଛନ୍ତି।



ପ୍ରସ୍ତାବିତ ପିପିଲି ଚାନ୍ଦୁଆ ହସ୍ତଶିଳ୍ପ ଗ୍ରାମଠାରେ ପର୍ଯ୍ୟଟନ ବିଭାଗ ସଚିବ ବଲୱନ୍ତ ସିଂ।

୧୭ ବର୍ଷ ତଳେ ୧୦କୋଟି ଟଙ୍କା ବ୍ୟୟରେ ପ୍ରାୟ ୧୧ଏକର ଜମିରେ ନିର୍ମିତ ପିପିଲି ଚାନ୍ଦୁଆ ହସ୍ତଶିଳ୍ପ ଗ୍ରାମ ବର୍ତ୍ତମାନ ଭୂତକୋଠି ପାଲଟିଥିବା ବେଳେ ଏପର୍ଯ୍ୟନ୍ତ ଲୋକାର୍ପିତ ହୋଇପାରି ନାହିଁ। ଆଗାମୀ ଦିନରେ ଚାନ୍ଦୁଆ ଶିଳ୍ପ ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇ ହସ୍ତଶିଳ୍ପ ଗ୍ରାମର ପାରିପାର୍ଶ୍ୱିକ ବିକାଶ ସହିତ ଖୁବ୍‌ଶୀଘ୍ର ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯିବ ବୋଲି ପର୍ଯ୍ୟଟନ ବିଭାଗ ସଚିବ ସୂଚନା ଦେଇଛନ୍ତି। ଏହି ହସ୍ତଶିଳ୍ପ ଗ୍ରାମ କାର୍ଯ୍ୟକ୍ଷମ ହେଲେ ମୁଖ୍ୟତଃ ଚାନ୍ଦୁଆର ପ୍ରଚାର ପ୍ରସାର ଓ କାରିଗରଙ୍କ ଜୀବିକା ନିର୍ବାହରେ ଖୁବ୍ ସହାୟକ ହୋଇପାରିବ। ତେବେ ସଚିବ ବଲୱନ୍ତ ସିଂଙ୍କ ଗସ୍ତ ସମୟରେ ପିପିଲି ତହସିଲଦାର ଦିଲୀପ କୁମାର ମାଝୀ, ବିଡିଓ ସରୋଜ କୁମାର ରାଉତଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିଭାଗ ପାଖରେ ନାହିଁ ୪୧୧ କଲେଜର ଏସ୍‌ଆଇପି ତଥ୍ୟ

**ମାସ ଶେଷ ସୁଦ୍ଧା ତଥ୍ୟ ଦେବାକୁ ନିର୍ଦ୍ଦେଶ**

ଭୁବନେଶ୍ୱର,୨୬।୧୦
(ଅନୁରାଧା ମହାରଣା)

ରାଜ୍ୟର ପ୍ରାୟ ୪୧୧ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବା ଜୁନିୟର୍ କଲେଜର ବିଭିନ୍ନ କର୍ମଚାରୀ ପଦବୀ ବା ଷ୍ଟାଫ୍ ଇନ୍ ପୋଜିଶନ (ଏସ୍‌ଆଇପି) ତଥ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପାଖରେ ନାହିଁ। ଇ-ସ୍ପେସ୍‌ରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକ ତଥ୍ୟ ରଖି ନ ଥିବାରୁ ବିଭିନ୍ନ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ ଆର ଆୟର୍ ସମସ୍ତ ଅଧକ୍ଷଙ୍କୁ ଅବଗତ କରିଛନ୍ତି। ଏହାସହ ଆସନ୍ତା ୩୧ ତାରିଖ ସୁଦ୍ଧା ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଖିଲାପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାଇ ଦିଆଯାଇଛି। ସେହିପରି ଆବଶ୍ୟକସ୍ଥଳେ ଅନ୍ୟସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବର୍ତ୍ତମାନ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକଙ୍କ ତଥ୍ୟ ସଂଶୋଧନ କରି ଅପଡେଟ୍ କରିବା ପାଇଁ କୁହାଯାଇଛି। ସୂଚନା ଥାଉକି, ଶିକ୍ଷକ ତଥା କର୍ମଚାରୀଙ୍କ ତଥ୍ୟ ଅଭାବରୁ ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିୟୋଜନ, ନୂତନ ନିଯୁକ୍ତି ସୃଷ୍ଟି ପ୍ରକ୍ରିୟା ତଥା କର୍ମଚାରୀ ପରିଚାଳନା କ୍ଷେତ୍ରରେ ବିଭିନ୍ନ ସମୟରେ ସମସ୍ୟା ଦେଖିବାକୁ ମିଳୁଛି।

## ବୃନ୍ଦାବତୀ ଭକ୍ତନିବାସରେ ହବିଷିଆଳିଙ୍କ ମୃତ୍ୟୁ

- ଚିକିତ୍ସା ଅବହେଳା ଆଣିଲେ ପରିବାର
- ଅଭିଯୋଗକୁ ଖଣ୍ଡନକଲେ ମେଡିକାଲ କର୍ତ୍ତୃପକ୍ଷ

ପୁରୀ,୨୬।୧୦(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ସରକାରଙ୍କ ପକ୍ଷରୁ ପୁରୀରେ ୪ଟି କେନ୍ଦ୍ରରେ ହବିଷିଆଳି ରହିବା ପାଇଁ ବ୍ୟବସ୍ଥା କରାଯାଇଛି। ତେବେ ବୃନ୍ଦାବତୀ ଭକ୍ତ ନିବାସ କେନ୍ଦ୍ରରେ ରହି କାର୍ତ୍ତିକ ବ୍ରତ ପାଳନ କରୁଥିବା ଜଣେ ହବିଷିଆଳିଙ୍କ ଶନିବାର ମୃତ୍ୟୁ ଘଟିଛି। ମୃତା ହବିଷିଆଳି ଜଣକ ହେଲେ କଣାସ ବ୍ଲକ ଅନ୍ତର୍ଗତ ବେଏଣ୍ଟା ଗ୍ରାମର ରତ୍ନମଣୀ ମଙ୍ଗରାଜ (୭୦)। ଅସୁସ୍ଥତା କାରଣରୁ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

ରତ୍ନମଣୀ ବୃନ୍ଦାବତୀ ଭକ୍ତନିବାସର ପ୍ରଥମ ମହଲାରେ ରହି ବ୍ରତ କରୁଥିଲେ। ଶୁକ୍ରବାର ସେ ଶୌଚାଳୟକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ପଡ଼ି ଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବୃନ୍ଦାବତୀନିବାସରେ ପ୍ରାଥମିକ ଚିକିତ୍ସା ପରେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କ ହାତ ଭାଙ୍ଗି ଯାଇଥିବା ଜଣାପଡ଼ିଥିଲା। ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୮ଟା ୩୦ରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଜଣାଇଥିଲେ। ତେବେ ଚିକିତ୍ସା ଅବହେଳାରୁ ରତ୍ନମଣୀଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ଏନେଇ ବୃନ୍ଦାବତୀ ନିବାସ ସୁପରଭିଜନ ତଥା ୨ଦିନ ହେବ ସିଡିଏମ୍‌ଓ ଦାୟିତ୍ୱରେ ଥିବା ଡାକ୍ତର ବିନୋଦ ବିହାରୀ ରଥ କହିଛନ୍ତି, ବୃନ୍ଦାବତୀ ନିବାସରେ ବ୍ରତ କରିବାକୁ ଆସିଥିବା ଜଣେ ହବିଷିଆଳିଙ୍କ ଶନିବାର ମୃତ୍ୟୁ ଘଟିଛି। ମୃତା ରତ୍ନମଣୀଙ୍କ ଦେହ ଅସୁସ୍ଥ ନେଇ ଖରାବେଳେ ଖବର ପାଇଥିଲି। ୨/୩ ଦିନ ହେବ ତାଙ୍କର ଝାଡ଼ା ହେଉଥିଲା। ଡାକ୍ତରଖାନାରେ ଚିକିତ୍ସିତ ହୋଇ କେନ୍ଦ୍ରକୁ ଫେରିଥିଲେ। ଶନିବାର ପୂର୍ବାହ୍ଣରେ ଝାଡ଼ା ଯାଇଥିବା ସମୟରେ ଶୌଚାଳୟରେ ପଡ଼ି ଯାଇଥିଲେ। ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଆମ୍ବୁଲାନ୍ସ ଯୋଗେ ସଦର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇ ସମସ୍ତ ପ୍ରକାର ଚିକିତ୍ସା ଯୋଗାଇ ଦିଆଯାଇଥିଲା। ତାଙ୍କ ଦେହ ଅଧିକ ଅସୁସ୍ଥ ଥିବାରୁ କଟକ ସ୍ଥାନାନ୍ତର ପାଇଁ ପରିବାର ଲୋକଙ୍କୁ କୁହାଯାଇଥିଲା। ମାତ୍ର ରବିବାର କଟକ ନେବେ ବୋଲି ପରିବାର ଲୋକ କହିଥିଲେ। ତେବେ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ସ୍ୱାଭାବିକ ମୃତ୍ୟୁରେ ପୋଷ୍ଟମର୍ଟମ ହୁଏନାହିଁ। ଯଦି ପରିବାର ଲୋକେ ଚାହୁଁଛନ୍ତି ତେବେ ରବିବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଡ. ରଥ ପ୍ରକାଶ କରିଛନ୍ତି। ମୃତା ହବିଷିଆଳି ଜଣଙ୍କ କିଡ୍‌ନୀ ରୋଗରେ ପୀଡ଼ିତ ଥିବା ଜଣାପଡ଼ିଛି। ପରିବାର ପକ୍ଷରୁ କରାଯାଉଥିବା ଚିକିତ୍ସା ଅବହେଳା ଅଭିଯୋଗକୁ ସେ ଖଣ୍ଡନ କରିବା ସହ ସମସ୍ତ ପ୍ରକାର ଚିକିତ୍ସା ଯୋଗାଇ ଦିଆଯାଇଥିବା ଡାକ୍ତର ରଥ କହିଛନ୍ତି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶିବରାମ



@ କାହ୍ନା



@ ମୃଣାଳ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପାଗ ଅନୁକୂଳ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିବେ ମା’, ନବଜାତକ

ଭୁବନେଶ୍ୱର, ୨୬।୧୦ (ବନ୍ଦନା ସେଠୀ)

**ସ୍ୱାସ୍ଥ୍ୟ ବିଭାଗକୁ ପ୍ରଶଂସା, ଶିବାନୀ ଓ ମାନସଙ୍କୁ ଧନ୍ୟବାଦ ଜଣାଇଲେ ସ୍ୱାସ୍ଥ୍ୟମନ୍ତ୍ରୀ**

ବାତ୍ୟାଜନିତ ସ୍ଥିତିର ମୁକାବିଲା ସହ ମୁଖ୍ୟମନ୍ତ୍ରୀଙ୍କ ଶୂନ ମୃତ୍ୟୁ ଆହ୍ୱାନକୁ ସଫଳ କରିଛି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ। ବିଭାଗର ପ୍ରତ୍ୟେକ ଅଧିକାରୀ, ବିଶେଷକରି ତୃଣମୂଳସ୍ତରରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀଙ୍କ ଉତ୍ସର୍ଗୀକୃତ ସେବା ଓ ଅକ୍ଳାନ୍ତ ପରିଶ୍ରମ ଫଳରେ ଏହା ସମ୍ଭବପର ହୋଇପାରିଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ କହିଛନ୍ତି। ଏଥିପାଇଁ ମନ୍ତ୍ରୀ ପ୍ରଶଂସା କରିବା ସହ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ବାତ୍ୟା ସମୟରେ ପ୍ରସବ ସମ୍ଭାବନା ଥିବା ୯ହଜାର ୮୭୭ଜଣ ମହିଳାଙ୍କ ମଧ୍ୟରୁ ଶନିବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ୨ହଜାର ୩୬୬ଜଣ ମାତୃତ୍ୱ ଲାଭ କରିଛନ୍ତି। ଏମାନଙ୍କ ମଧ୍ୟରେ ୧ହଜାର ୯୯୩ ଜଣ ସାଧାରଣ ପ୍ରସବ ଏବଂ ୩୭୩ଜଣ ଅସ୍ତ୍ରୋପଚାର ମାଧ୍ୟମରେ ସନ୍ତାନ ଜନ୍ମ ଦେଇଛନ୍ତି। ୧୮ ଯମଜ ସନ୍ତାନ ଜନ୍ମ ହୋଇଛନ୍ତି। ତେବେ ବାତ୍ୟା ସମୟରେ କୌଣସି ପ୍ରସବଜନିତ ମାତୃମୃତ୍ୟୁ ହୋଇନାହିଁ। ପାଣିପାଗ ଅନୁକୂଳ ହେବା ଏବଂ ସେମାନଙ୍କ ରହିବାର ସୁବନ୍ଦୋବସ୍ତ ହେବା ପର୍ଯ୍ୟନ୍ତ ସେମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ରହିବାର ବ୍ୟବସ୍ଥା କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବାତ୍ୟାର ସୁପରିଚାଳନା ପାଇଁ ଜିଲାଗୁଡ଼ିକୁ ଅତିରିକ୍ତ ୪୦ଲକ୍ଷ ଟଙ୍କା ଆବଣ୍ଟିତ କରାଯାଇଛି। ବାତ୍ୟା ପରବର୍ତ୍ତୀ ଅବସ୍ଥାରେ ବିଶୁଦ୍ଧ ପାନୀୟ ଜଳର ଅଭାବ ଓ ଝାଡ଼ାବାନ୍ତିର ପ୍ରକୋପକୁ ଲକ୍ଷ୍ୟ କରି ବିଭାଗ ପକ୍ଷରୁ ଯଥେଷ୍ଟ ପରିମାଣର ହାଲୋଜେନ ବଟିକା, ବ୍ଲିଚିଂ ପାଉଡର୍, ଓଆରଏସ ଏବଂ ଅନ୍ୟାନ୍ୟ ଔଷଧ ଆଶାଦିଦିଙ୍କ ପର୍ଯ୍ୟନ୍ତ ଉପଲବ୍ଧ କରାଯାଇଛି। ବାତ୍ୟା ସମୟରେ ୪ଜଣ ସାପ କାମୁଡ଼ାରେ ଆହତ ହୋଇଥିଲେ। ସେହିପରି ବାତ୍ୟାରେ ସାମାନ୍ୟ ଆହତ ହୋଇଥିବା ୨୦୯ଜଣଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ସମସ୍ତେ ସୁସ୍ଥ ହୋଇ ଘରକୁ ଫେରିଯାଇଛନ୍ତି। ଏହି ଅବଧି ମଧ୍ୟରେ ଝାଡ଼ାବାନ୍ତି କିମ୍ବା ଅନ୍ୟ କୌଣସି ଜ୍ୱରଥଣ୍ଡା ରୋଗରେ କେହି ଆକ୍ରାନ୍ତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିନାହାନ୍ତି। ତେବେ ବାତ୍ୟାଜନିତ ପ୍ରତିକୂଳ ପରିସ୍ଥିତିରେ ରାଜନଗର ବ୍ଲକ ଅନ୍ତର୍ଗତ ଖସାମୁଣ୍ଡା ଗାଁର ଜଣେ ପ୍ରାପ୍ତ ବୟସ୍କା ପାରାଲିସିସ୍ ଆକ୍ରାନ୍ତ ମହିଳା, ୭ଜଣ ବୟସ୍କା ଓ ୨ଜଣ ଗର୍ଭବତୀ ମହିଳାଙ୍କୁ ପିଠିରେ ବୋହି ଆଶ୍ରୟସ୍ଥଳକୁ ନେଇଥିବା ଆଶାକର୍ମୀ ଶିବାନୀ ମଣ୍ଡଳ ଓ ବାତ୍ୟା ସମୟରେ ସାହସିକ କାର୍ଯ୍ୟ ପାଇଁ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମାନସ କୁମାର ମଲ୍ଲିକଙ୍କୁ ମନ୍ତ୍ରୀ ଡ. ମହାଲିଙ୍ଗ ଧନ୍ୟବାଦ ଜଣାଇଛନ୍ତି।

